## ସଂକ୍ଷେପରେ

ମାଟ୍ରିକ୍ ପରୀକ୍ଷା ପ୍ରଶ୍ନପତ୍ର ବିଭ୍ରାଟ

### ଗଣଶିକ୍ଷାମନ୍ତ୍ରୀଙ୍କ କୁଶ ପୁତ୍ତଳିକା ଦାହକଲା ଭାଜପା

ମାଲକାନଗିରି, ୨୧।୩(ଡି.ଏନ୍.ଏ.)- ମାଟ୍ରିକ୍ ପରୀକ୍ଷା ମାଲକାନଗିରି ଜିଲାରେ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଥିବା ବେଳେ ରାଜ୍ୟରେ କେତେକ ବିଦ୍ୟାଳୟରେ ପ୍ରଶ୍ନପତ୍ର ବିଭ୍ରାଟକୁ ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି। ଏହାକୁ ନେଇ ବିଧାନସଭାରେ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ବିବୃତି ରଖିଥିଲେ ମଧ୍ୟ ମାଲକାନଗିରି ଜିଲା ଭାଜପା ପକ୍ଷରୁ ସୋମବାର ତାଙ୍କ କୁଶ ପୁତ୍ତଳିକା ଦାହ କରାଯାଇଛି। ଦଳର ଯୁବମୋର୍ଚ୍ଚା ଜିଲା ସଭାପତି ଭବାନୀ ଶଙ୍କର ମୁଖାର୍ଜୀଙ୍କ ନେତୃତ୍ୱରେ ଦଳୀୟ କର୍ମୀମାନେ ସ୍ଥାନୀୟ ବସ୍‌ଷ୍ଟାଣ୍ଡ ମୁଖ୍ୟ ରାସ୍ତାରେ ତାଙ୍କ କୁଶ ପୁତ୍ତଳିକା ଦାହକରି ବିଭିନ୍ନ ସ୍ଲୋଗାନ ଦେଇଥିଲେ।

### ଏନ୍‌ସିସି ଏୟାର ୱିଙ୍ଗ୍, ନାଭାଲ କନିଷ୍ଠ, ବରିଷ୍ଠ ୱିଙ୍ଗ୍ ଖୋଲିବାକୁ ଦାବି

ଜୟପୁର, ୨୧।୩ (ନି.ପ୍ର.)-ଜୟପୁର ଆଲୁମ୍ନି ପକ୍ଷରୁ ଏନ୍‌ସିସି ଆଲୁମ୍ନି ଏନ୍‌ସିସି ଏୟାର ୱିଙ୍ଗ୍, ନାଭାଲ ୱିଙ୍ଗ୍‌ର କନିଷ୍ଠ ଓ ବରିଷ୍ଠ ୱିଙ୍ଗ୍ ଖୋଲିବାକୁ ଦାବି ହୋଇଛି। ଏନେଇ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ ଓ ଡିଜିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଉପରୋକ୍ତ ୱିଙ୍ଗ୍ ଜୟପୁରରେ ଖୋଲିବା ସହ ଟ୍ରେକିଂ କ୍ୟାମ୍ପ, ଜାତୀୟ ସ୍ତରର କ୍ୟାମ୍ପ, ପାରା ସେଲିଂ ନୌକା ଚାଳନା କ୍ୟାମ୍ପ ମଧ୍ୟ କରାଯିବାକୁ ଦାବିପତ୍ରରେ ପ୍ରସ୍ତାବ ରହିଛି। ଆଲୁମ୍ନି ସଦସ୍ୟ କୃଷ୍ଣକେଶବ ଷଡ଼ଙ୍ଗୀ, ରଞ୍ଜନ ମିଶ୍ର, ରମଣ ହିଆଲ, ଦେବେନ୍ଦ୍ର ବିହାନୀପତି, ଦୁର୍ଗାଚରଣ ସାହୁ, ରାଜେନ୍ଦ୍ର ସାହୁ ପ୍ରମୁଖ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।

### ମିଶନ ଶକ୍ତି କାଫେ ଉଦ୍‌ଘାଟିତ



ମାଲକାନଗିରି, ୨୧।୩(ଡି.ଏନ୍.ଏ.)- ମାଲକାନଗିରି ଜିଲା ଗ୍ରାମ୍ୟ ଉନ୍ନୟନ କାର୍ଯ୍ୟାଳୟ ପରିସରରେ ମିଶନ ଶକ୍ତି କାଫେ ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ପ୍ରଶାସକ ରତ୍ନାକର ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ଅତିରିକ୍ତ ପ୍ରକଳ୍ପ ପ୍ରଶାସକ ମାନସ ମିଶ୍ର, ମିଶନ ଶକ୍ତି ଜିଲା ସଂଯୋଜକ ପବିତ୍ର ମୋହନ ବାରା, ଦକ୍ଷତା ବିକାଶ ପରିଚାଳକ ହିମାଂଶୁ ମହାରଣା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝି ପ୍ରମୁଖ ଉପସ୍ଥିତ ଥିଲେ। ଏହି ମିଶନ ଶକ୍ତି କାଫେ ଦ୍ୱାରା ସହରର ଜନସାଧାରଣ ସୁଲଭ ମୂଲ୍ୟରେ ସୁସ୍ୱାଦୁ ଖାଦ୍ୟ ଜଳଖିଆଠାରୁ ଆରମ୍ଭକରି ମଧ୍ୟାହ୍ନଭୋଜନ, ରାତ୍ରିଭୋଜନ ସୁବିଧା ପାଇପାରିବେ ବୋଲି ପ୍ରକଳ୍ପ ପ୍ରଶାସକ ସାହୁ କହିଛନ୍ତି।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଲେ ଗ୍ରାମବାସୀ

ନନ୍ଦପୁର, ୨୧।୩ (ଡି.ଏନ.ଏ.)



ବନାଞ୍ଚଳ ଅଧିକାରୀଙ୍କୁ ଗ୍ରାମବାସୀ ଦାବିପତ୍ର ଦେଉଛନ୍ତି ।

ନାଗେଶ୍ୱରୀ ପାହାଡ ଖଣିବ୍ଲକ ନିଲାମ ପ୍ରସଙ୍ଗକୁ ନେଇ ମଙ୍ଗଳବାର ନନ୍ଦପୁର ବ୍ଲକ ଅଞ୍ଚଳର ବହୁ ସଂଖ୍ୟକ ଗ୍ରାମବାସୀ ସେମାନଙ୍କ ପ୍ରତିବାଦର ସ୍ୱରକୁ ତୀବ୍ର କରିଛନ୍ତି। ସମସ୍ତେ ଏକାଠି ହୋଇ ବ୍ଲକରେ ପହଞ୍ଚି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ବାଲଡ଼ା ବନାଞ୍ଚଳ ଅଧିକାରୀଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଦାବି ପତ୍ରରେ ୨୦୦୮ରେ ନନ୍ଦପୁର ବ୍ଲକ ଗସ୍ତରେ ଆସି ସ୍ଥାନୀୟ ଲୋକଙ୍କ କର୍ମନିଯୁକ୍ତି ନିମନ୍ତେ ଅନ୍ୟ କୌଣସି ସାଧନ ନ ଥିବା ଦେଖି ବାଲଡ଼ା ପଞ୍ଚାୟତର ନାଗେଶ୍ୱରୀ ପାହାଡ ଓ ଗୁମ୍ଫାକୁ ଜୈବିକ ପର୍ଯ୍ୟଟନ ସ୍ଥଳୀ ଭାବେ ଗଢି ପର୍ଯ୍ୟଟନ ଶିଳ୍ପର ବିକାଶ କରିବାକୁ ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ। ଏବେ ରାଜ୍ୟ ଖଣି ବିଭାଗ ଏହି ପାହାଡକୁ ଖଣିବ୍ଲକ ଭାବେ ମାନ୍ୟତା ଦେଇ ନିଲାମ ପାଇଁ ବିଜ୍ଞପ୍ତି ପ୍ରକାଶ କରି ମାର୍ଚ୍ଚ ୧ ତାରିଖରେ ଆଦାନୀ ଗ୍ରୁପର ଏମଏଏଲ କମ୍ପାନୀ ସହ ବୁଝାମଣା କରିଥିବା ଜଣାପଡିଛି। ଏଭଳି ଖବର ଆମ ଅଞ୍ଚଳବାସୀଙ୍କୁ ବ୍ୟଥିତ କରିଛି। ଏହି ଜଙ୍ଗଲ ଓ ପାହାଡ ଆମ ମା, ମାଟି, ଦେବତା ଓ ଜୀବନ ଜୀବିକାର ଉତ୍ସ। ପାହାଡ଼ ପାରିପାର୍ଶ୍ୱିକ ଅଞ୍ଚଳରେ ବସବାସ କରୁଥିବା ୭ହଜାରରୁ ଊର୍ଦ୍ଧ୍ୱ ପରିବାରକୁ ବଞ୍ଚିବାରେ ସହାୟକ ହେଉଛି। ଏହାକୁ ଜୈବିକ ପର୍ଯ୍ୟଟନ ସ୍ଥଳୀ ଭାବରେ ଗଢି ତୋଳିଲେ ଅଞ୍ଚଳବାସୀ ବହୁଭାବରେ ଉପକୃତ ହେବେ। ଜଙ୍ଗଲ ଜମି ଓ ପରିବେଶର ସୁରକ୍ଷା ମଧ୍ୟ ହୋଇପାରିବ ବୋଲି ଦାବିପତ୍ରରେ ଉଲ୍ଲେଖ ରହିଛି। ଉପସ୍ଥିତ ଥିବା ପଟାଙ୍ଗି ବିଧାୟକ ପିତମ ପାଢ଼ୀ ନାଗେଶ୍ୱରୀ ସୁରକ୍ଷା ସମିତି ପକ୍ଷରୁ ଏକ ସର୍ବଦଳୀୟ ପରାମର୍ଶଦାତା

**ନାଗେଶ୍ୱରୀ ପାହାଡ ଖଣି ବ୍ଲକ ନିଲାମ ପ୍ରସଙ୍ଗ**

କମିଟି ଗଠନ କରାଯାଇ ଆଗାମୀ ଦିନରେ ରାଜ୍ୟ ଖଣି ବିଭାଗ ସଚିବ, ୫-ଟି ସଚିବ ଓ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଖଣି ଖାଦାନର ମାନ୍ୟତା ହଟାଇ ନାଗେଶରୀ ପାହାଡ଼ର ସୁରକ୍ଷା ଓ ଜୈବିକ ପର୍ଯ୍ୟଟନ ସ୍ଥଳୀ ଭାବେ ଏହାକୁ ଗଢିବାକୁ ଅନୁରୋଧ କରାଯିବ ବୋଲି କହିଛନ୍ତି। ପୂର୍ବତନ ବିଧାୟକ ରାମ କାଡାମ, ପ୍ରଫୁଲ୍ଲ ପାଙ୍ଗି, ସତନ୍ତ୍ର ବିକାଶ ପରିଷଦ ଉପାଧ୍ୟକ୍ଷା ଲକ୍ଷ୍ମୀ ହନ୍ତାଳ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ କାର୍ତ୍ତୁଲ, ନନ୍ଦପୁର ବିସ୍ଥାପିତ ପରିଷଦ ସଭାପତି ଆକାଶ ଖିଲ, ମା' ନାଗେଶ୍ୱରୀ ସୁରକ୍ଷା ସମିତି ସଭାପତି ରବୀନ୍ଦ୍ର ପାଙ୍ଗି, ଗୋପାଳ କୃଷ୍ଣ ବେବର୍ତ୍ତା, ଜଗନ୍ନାଥ ପାଙ୍ଗି, ଏମ୍‌ପି ପ୍ରତିନିଧି ଗୋପାଳ ମାଟାମଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ମାନସିକ ଭାରସାମ୍ୟ ହରାଇ ଯୁବକଙ୍କ ଆତ୍ମହତ୍ୟା

କୋରୁକୋଣ୍ଡା ୨୧।୩(ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତ ରଙ୍ଗାମଗୁଡା ଗ୍ରାମର ଜଗନ୍ନାଥ ବାଦାମି (୩୫) ବେକରେ ଗାମୁଛା ବାନ୍ଧି ମଙ୍ଗଳବାର ଆତ୍ମହତ୍ୟା କରିଛନ୍ତି। ଖବରରୁ ଜଣାପଡିଛି, ଜଗନ୍ନାଥ ସୋମବାର ରାତିରେ ଓର୍କେଲ ଥାନାରେ ଅଭିଯୋଗ କରିଥିଲେ ଯେ, ସେ କୋରୁକୋଣ୍ଡାରୁ ନିଜ ଘରକୁ ଫେରୁଥିବା ସମୟରେ ତର୍ଲାକୋଟା ପାହାଡ ନିକଟରେ କେତେକ ଦୁର୍ବୃତ୍ତ ତାଙ୍କଠାରୁ କିଛି ଟଙ୍କା ଲୁଟ୍ କରି ନେଇଛନ୍ତି । ଖବର ପାଇ ଥାନା ଅଧିକାରୀ ଓ କର୍ମଚାରୀ ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମାତ୍ର ଘଟଣା ମିଛ ବୋଲି ଜାଣି ଏ ବିଷୟରେ ଜଗନ୍ନାଥଙ୍କୁ ପଚାରିଥିଲେ। ଏହାର ଉତ୍ତରରେ ଜଗନ୍ନାଥ ମୋର ମୁଣ୍ଡ କଣ ହେଇଯାଉଛି। ସେଥିଲାଗି ଏମିତି କହିଥିଲି ବୋଲି କହି ନିଜ ଦୋଷ ମାନିଥିଲେ। ପରେ ଥାନା ଅଧିକାରୀ ଜୋହନ କୁଜୁର ଜଗନ୍ନାଥଙ୍କ ପରିବାରଲୋକଙ୍କୁ ଡକାଇ ଜଗନ୍ନାଥଙ୍କୁ ଘରକୁ ପଠାଇଥିଲେ। ଏନେଇ କୌଣସି ମାମଲା କରି ନ ଥିଲେ। ଘରକୁ ଯାଇ ଖାଇ ଜଗନ୍ନାଥ ରାତିରେ ଖାଇସାରି ଶୋଇଥିଲେ। ମଙ୍ଗଳବାର ସକାଳେ ଉଠି ବାହାରକୁ ଯାଇଥିଲେ। ବାହାକୁ ଯିବାର କିଛି ସମୟ ପରେ ଗୋଟିଏ ଗଛରେ ଜଗନ୍ନାଥଙ୍କ ମୃତଦେହ ଝୁଲୁଥିବାର ଗ୍ରାମବାସୀ ଦେଖି ପରିବାରଲୋକଙ୍କୁ ଜଣାଇଥିଲେ। ପରେ ପରିବାର ଲୋକେ ଏ ସମ୍ପର୍କରେ ଓର୍କେଲ ଥାନା ଅଧିକାରୀଙ୍କୁ ଜଣାଇଥିଲେ। ଥାନା ଅଧିକାରୀ ମୃତଦେହ ଜବତ କରି ମୃତଦେହ ବ୍ୟବଚ୍ଛେଦ ଲାଗି ପଠାଇଛନ୍ତି। ୮/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ଗ୍ରାମ୍ୟ ନ୍ୟାୟାଳୟରେ ୪ ମାମଲାର ଶୁଣାଣି

କୋରୁକୋଣ୍ଡା, ୨୧।୩(ଡି.ଏନ.ଏ.)

ମାଲକାନଗିରି ଜିଲା କୋରୁକୋଣ୍ଡା ପଞ୍ଚାୟତ ସମିତି ବୈଠକ ଗୃହରେ କୋରୁକୋଣ୍ଡା ଗ୍ରାମ୍ୟ ନ୍ୟାୟାଳୟରେ ପ୍ରଥମ ମାମଲାର ଶୁଣାଣି ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ଗତମାସ ୨ ତାରିଖରେ ନବ ନିର୍ମିତ ଏହି ଗ୍ରାମ ନ୍ୟାୟଳୟକୁ ହାଇକୋର୍ଟର ପ୍ରଧାନ ବିଚାରପତି ଡ. ଏସ. ମୁରଲୀଧର ଆଭାସୀ ମାଧ୍ୟମରେ ଉଦ୍‌ଘାଟନ କରିଥିଲେ। ଆଜି ପ୍ରଥମ ଥର ପାଇଁ ଉକ୍ତ ଗ୍ରାମ ନ୍ୟାୟଳୟର ବିଚାରପତି ଦେବେନ୍ଦ୍ରନାଥ ବାଘ କୋରୁକୋଣ୍ଡା ଅଞ୍ଚଳର ୪ଟି ମକଦ୍ଦମାର ବିଚାର କରିଛନ୍ତି। ଏହି ସମୟରେ ସରକାରୀ ଓକିଲ ହୃଷୀକେଶ ପଣ୍ଡା ଏବଂ ଗୌରାଙ୍ଗ ପ୍ରସାଦ ପଣ୍ଡାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

# ଜଙ୍ଗଲ ସୁରକ୍ଷା, ବନାଗ୍ନି ରୋକିବାକୁ ଗୁରୁତ୍ୱ




କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ମାଲକାନଗିରି, ୨୧।୩(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ମହକୁମା ଖଣ୍ଡୀୟ ବନାଧିକାରୀଙ୍କ କାର୍ଯ୍ୟାଳୟ ପରିସରରେ ଜିଲାସ୍ତରୀୟ ବିଶ୍ୱ ବନ ଦିବସ ପାଳିତ ହୋଇଯାଇଛି। ବନାଧିକାରୀ ପ୍ରତାପ କତାପାଲ୍ଲୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସହକାରୀ ବନ ସଂରକ୍ଷକ କୁନ୍ଦନ ସିଂ, ଅବୈତନିକ ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ରାମକୃଷ୍ଣ ଚୌଧୁରୀ, ସବୁଜ ବାହିନୀ ପ୍ରଶିକ୍ଷକ ଦୁର୍ଯ୍ୟୋଧନ ପାତ୍ର, ଖବରଦାତା ଦେବ ପ୍ରସାଦ ଦାସ, ଅଧ୍ୟାପକ ରଞ୍ଜନ ସ୍ୱାଇଁ ଯୋଗ ଦେଇଥିଲେ। ଜିଲାର ସମସ୍ତ ବନାଞ୍ଚଳ ଅଧିକାରୀ, ବନପାଳ, ବନ ସଂରକ୍ଷଣ ସମିତିର କର୍ମକର୍ତ୍ତା, ଆମ ଜଙ୍ଗଲ ଯୋଜନାର କର୍ମକର୍ତ୍ତାମାନେ ଉପସ୍ଥିତ ଥିଲେ।

**ଜିଲାସ୍ତରୀୟ ବିଶ୍ୱ ବନ ଦିବସ**

ଜଙ୍ଗଲ ସମ୍ପଦ, ବନ୍ୟଜନ୍ତୁଙ୍କ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ଜଙ୍ଗଲ କିପରି ଜୀବଜଗତ ଓ ପ୍ରାଣୀ ଜଗତକୁ ବଞ୍ଚାଇ ରଖିଛି ସେ ସମ୍ବନ୍ଧରେ ଅତିଥିମାନେ ମତ ରଖିଥିଲେ। ବିଭିନ୍ନ କାରଣରୁ ଆମ ରାଜ୍ୟ ଏବଂ ଜିଲାରେ ଅନେକ ଜଙ୍ଗଲ କ୍ଷୟ ହେବାରେ ଲାଗିଛି। ଏହାର ଭରଣା ଲାଗି ଉଜୁଡା ଜଙ୍ଗଲର ସୁରକ୍ଷା, ନୂତନ ଜଙ୍ଗଲ ସୃଷ୍ଟି, ବନ୍ୟଜନ୍ତୁ ସୁରକ୍ଷା, ଜଙ୍ଗଲକୁ ନିଆଁ ଦାଉରୁ ରକ୍ଷା କରିବା ଉପରେ ଉପସ୍ଥିତ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜିଲାର ଶ୍ରେଷ୍ଠ ବନ ସଂରକ୍ଷଣ ସମିତି ଭାବେ ଭେଜାଗୁଡ଼ା ବନ ସଂରକ୍ଷଣ ସମିତିକୁ ୨୦ ହଜାର ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ସମିତି ସଭାପତି ତଥା ସରପଞ୍ଚ ଭୀମସେନ ନାୟକ ଏବାବଦ ଚେକ୍ ଗ୍ରହଣ କରିଥିଲେ। ସେହିପରି ଆପନାମାଲା ବିଦ୍ୟାଳୟକୁ ଶ୍ରେଷ୍ଠ ସବୁଜବାହିନୀ ବିଦ୍ୟାଳୟ ରୂପେ ଘୋଷଣା କରାଯାଇ ୧୦ହଜାର ଟଙ୍କାର ଚେକ୍ ଦେଇ ପୁରସ୍କୃତ କରାଯାଇଥିଲା ଏଥିସହ ଜିଲାରେ ୬ଟି ବନାଞ୍ଚଳରେ କୃତିତ୍ୱ ଅର୍ଜନ କରିଥିବା କର୍ମଚାରୀଙ୍କୁ ଖଣ୍ଡୀୟ ବନାଧିକାରୀ ମାନପତ୍ର ଏବଂ ଉତ୍ତରୀୟ ସମ୍ମାନିତ କରିଥିଲେ। ବନାଞ୍ଚଳ ଅଧିକାରୀ ଜଗନ୍ନାଥ ବିଶୋୟୀ ପରିଚାଳନା କରିଥିଲେ।

## ଜଙ୍ଗଲ ସୁରକ୍ଷା ସମ୍ବନ୍ଧୀୟ ପ୍ରତିଯୋଗିତା

ମାଲକାନଗିରି, ୨୧।୩(ଡି.ଏନ.ଏ.)

ସ୍ଥାନୀୟ ସରକାରୀ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଜାତୀୟ ସବୁଜ ବାହିନୀ ଦ୍ୱାରା ଛାତ୍ରଛାତ୍ରମାନଙ୍କ ମଧ୍ୟରେ ପରିବେଶ ସଚେତନତା ଓ ଜଙ୍ଗଲ ସୁରକ୍ଷା ସମ୍ପର୍କରେ ସଚେତନ କରିବା ଲାଗି ବିଭିନ୍ନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଜଙ୍ଗଲ ସୁରକ୍ଷା ନେଇ ବକ୍ତୃତା, ରଚନା ଲିଖନ, ସାଧାରଣ ଜ୍ଞାନ ଆଦି ବିଷୟରେ ପ୍ରତିଯୋଗିତା କରାଯାଇ ପରେ ଏକ ସଭାରେ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ଆୟୋଜିତ ସଭାରେ ବିଦ୍ୟାଳୟ ଅଧ୍ୟକ୍ଷ ଡ. କ୍ଷୀରୋଦ ଚନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ଜାତୀୟ ସବୁଜ ବାହିନୀ ଅଧିକାରୀ ଜ୍ଞାନେନ୍ଦ୍ର ତ୍ରିପାଠୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ରତ୍ନାକର ମିଶ୍ର, ନେଶ ଶବର, ନିଖିତା ସିଂ ଓ ରାଜେଶ କୁମାର ଜେନା ଉପସ୍ଥିତ ରହି ସମସ୍ତଙ୍କୁ ଉତ୍ସାହିତ କରିଥିଲେ। ସମୀର କୁମାର ଡାକୁଆ ଓ ଦଶରଥ ପୁଜାରୀ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ।

# 'କୋରାପୁଟରୁ ଆରମ୍ଭ ହୋଇଛି ଜଗନ୍ନାଥ ସଂସ୍କୃତି'



ଏକ ଟିମ୍ ଧରି ସେମିଳିଗୁଡା ଆସିଥିବା ପଣ୍ଡିତ ସୂର୍ଯ୍ୟ ନାରାୟଣ ରଥଶର୍ମା।

କୋରାପୁଟ, ୨୧।୩(ସ୍ୱ.ପ୍ର.)

କୋରାପୁଟରେ ରହୁଥିବା ଶବର ସମ୍ପ୍ରଦାୟ ହେଉଛି ମହାପ୍ରଭୁ ଜଗନ୍ନାଥଙ୍କ ସେବକ। ତେଣୁ କୋରାପୁଟରୁ ହିଁ ଜଗନ୍ନାଥ ସଂସ୍କୃତି ଆରମ୍ଭ ହୋଇଛି ବୋଲି ଜଗନ୍ନାଥ ସଂସ୍କୃତି ଗବେଷକ ପଣ୍ଡିତ ସୂର୍ଯ୍ୟ ନାରାୟଣ ରଥଶର୍ମା ତାଙ୍କ କୋରାପୁଟ ଜିଲା ଗସ୍ତ ଅବସରରେ କହିଛନ୍ତି। କୋରାପୁଟ ଜିଲାର ସେମିଳିଗୁଡାରେ ନିର୍ମାଣାଧୀନ ବିଲାପୁଟସ୍ଥିତ ଶବରୀ ନାରାୟଣ ମନ୍ଦିର ପରିଦର୍ଶନ କରି ଆଗାମୀ ଦିନରେ ଏହି ମନ୍ଦିରର ପ୍ରତିଷ୍ଠା ନେଇ ସେ ଗୁରୁତ୍ୱାରୋପ କରିଥିଲେ। ପଣ୍ଡିତ ରଥ ଶର୍ମା ତାଙ୍କର ଏକ ଟିମ୍ ସୋମବାର କୋରାପୁଟ ଗସ୍ତରେ ଆସି ସେମିଳିଗୁଡା ବିଲାପୁଟ ଗ୍ରାମ ଉପକଣ୍ଠରେ ନିର୍ମାଣାଧୀନ ଶବରୀ ନାରାୟଣ ମନ୍ଦିର ପରିଦର୍ଶନ କରି ସେଠାରେ ଏହି ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟ ଓ ମନ୍ଦିର ପାର୍ଶ୍ୱ ଦେବତା କେଉଁଠି ସ୍ଥାପନ କରାଯିବ ସେ ନେଇ ବିଲାପୁଟ ଗ୍ରାମର ବିଶ୍ୱନାଥ ପ୍ରଧାନୀଙ୍କ ସମେତ ଗ୍ରାମବାସୀଙ୍କ ସହ ଆଲୋଚନା କରିଥିଲେ। ସୂଚନାଯୋଗ୍ୟ ଗତ ୨୦୧୬ରେ ବିଲାପୁଟଠାରେ ଏହି ମନ୍ଦିରର କାର୍ଯ୍ୟ ଆରମ୍ଭ ହୋଇଥିବାବେଳେ କୋଭିଡ ଯୋଗୁ ଏହାର ନିର୍ମାଣ କାର୍ଯ୍ୟ ଧିମେଇ ଯାଇଥିଲା। ପରବର୍ତ୍ତୀ ସମୟରେ ଏହି କାର୍ଯ୍ୟ ଆରମ୍ଭ ହୋଇ ଏବେ ଶେଷ ହେବାକୁ ବସିଛି। ଆସନ୍ତା ମେ ୨୯ରେ ଏହି ମନ୍ଦିରର ପ୍ରତିଷ୍ଠା ଉତ୍ସବ କରାଯିବାକୁ ମନ୍ଦିର ପରିଚାଳନା କମିଟି ସମ୍ପାଦକ ଲଳିତ ମୋହନ ପଟ୍ଟନାୟକ କହିଛନ୍ତି।

# ଦୁର୍ଘଟଣାମୁକ୍ତ ଜିଲା କରିବାକୁ ପୋଲିସର ପ୍ରୟାସ

ମାଲକାନଗିରି/ଏମ୍‌ଭି -୭୯, ୨୧।୩(ଡି.ଏନ.ଏ.)



ମାଲକାନଗିରି ଜିଲା ଆରକ୍ଷୀ ଅଧୀକ୍ଷକ ନିତେଶ ୱାଧୱାନିଙ୍କ ନିର୍ଦ୍ଦେଶକ୍ରମେ ଜିଲାକୁ ଦୁର୍ଘଟଣାମୁକ୍ତ କରିବା ଓ ଟ୍ରାଫିକ ନିୟମର ସୁପରିଚାଳନା ଲାଗି ପୋଲିସ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ଟ୍ରାଫିକ ନିୟମ ପାଳନ କରିବାକୁ ଜିଲାରେ ପ୍ରତ୍ୟେକ ମଙ୍ଗଳବାର ସକାଳ ୮ଟାରୁ ପୂର୍ବାହ୍ନ ୧୧ଟା ପର୍ଯ୍ୟନ୍ତ ଲୋକଙ୍କୁ ସଚେତନ କରାଯିବ। ଏଥିସହ ଅମାନିଆଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ମଙ୍ଗଳବାର ମାଲକାନଗିରି ସଦମହକୁମା ଡିଏନକେ ଛକ, ହାଇସ୍କୁଲ ଛକ ଏବଂ ବାଲିମେଳା ଛକ ନିକଟରେ ଜିଲାରୁ ୩ଟି ଟିମ୍ ଗାଡି ମଟରଗୁଡ଼ିକର ଯାଞ୍ଚ ଆରମ୍ଭ କରାଯାଇଥିଲା। ସଦରର ଏହି ଯାଞ୍ଚ ପ୍ରକ୍ରିୟାରେ ଏସଡିପିଓ ସଚିନ ପଟେଲଙ୍କ ସମେତ ପୋଲିସ ଅଧିକାରୀ ଓ କର୍ମଚାରୀ ସାମିଲ ଥିଲେ। ପୋଲିସ ପକ୍ଷରୁ ବାଇକ୍‌ଚାଳକଙ୍କୁ ସଚେତନ କରାଯାଇଥିଲା। ବିନା ହେଲମେଟ, ଡ୍ରାଇଭିଙ୍ଗ ଲାଇସେନ୍ସ ନ ଥିବା ସହ ଅନ୍ୟାନ୍ୟ ନିୟମ ପାଳନ କରୁ ନଥିବା ଚାଳକମାନଙ୍କଠାରୁ ଜରିମାନା ଆଦାୟ ହୋଇଥିଲା। ଆରକ୍ଷୀ ଅଧୀକ୍ଷକ ୱାଧୱାନିଙ୍କ ନିର୍ଦ୍ଦେଶ ଅନୁଯାୟୀ ସକାଳେ ପ୍ରତ୍ୟେକ ଥାନା ଅଧୀନରେ ଥିବା ସହରର ମୁଖ୍ୟ ଛକଗୁଡିକରେ ପୋଲିସ ପକ୍ଷରୁ ବାଇକ୍ ଆରୋହୀମାନଙ୍କୁ ଅଟକାଇ ଯାଞ୍ଚ କରାଯାଇଥିଲା। ଏମଭି ୭୯ ଥାନା ଅଞ୍ଚଳରେ ଥାନା ଅଧିକାରୀ ସୁନୀଲ ସୋରେନ, ମୋଟୁ ଥାନା ଅଞ୍ଚଳରେ ଥାନାଧିକାରୀ ଅନିଲ ପରିଡାଙ୍କ ନେତୃତ୍ୱରେ ବିଭିନ୍ନ ଛକରେ ଜନସାଧାରଣଙ୍କୁ ସଚେତନ କରୁଥିବା ଦେଖିବାକୁ ମିଳିଥିଲା।

# ନିଖୋଜ ଯୁବକଙ୍କ ଗଳିତ ମୃତଦେହ ଜବତ

ନାରାୟଣପାଟଣା, ୨୧।୩(ଡି.ଏନ.ଏ.)

ନାରାୟଣପାଟଣା ବ୍ଲକ କୁମ୍ଭାରୀ ପଞ୍ଚାୟତ ଶିରିଗୁଡ଼ା ଗାଁର ନାଇଡୁ ଶିରିକା (୨୭) ଗତ ୩ ସପ୍ତାହ ହେଲା ନିଖୋଜ ଥିଲେ। ନାରାୟଣପାଟଣା ପୋଲିସ ମଙ୍ଗଳବାର ବୋରିଗୀ ପଞ୍ଚାୟତ ଅନ୍ତର୍ଗତ ପେଦାଇଟିଙ୍କି ଜଙ୍ଗଲରୁ ତାଙ୍କ ଗଳିତ ମୃତଦେହ ଜବତ କରିଛି । ପୋଲିସ ସୂଚନା ଅନୁଯାୟୀ, ଫେବୃୟାରୀ ୨୭ତାରିଖରେ ନାଇଡୁ ଘରୁ କେଉଁଆଡ଼େ ଚାଲିଯାଇଥିଲେ। ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ୟ ତାଙ୍କ ପତ୍ତା ମିଳି ନ ଥିଲା। ଶେଷରେ ପୁଅକୁ ଖୋଜି ବାହାର କରିବା ପାଇ ଗତ ୭ ତାରିଖରେ ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନିଖୋଜ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ସୋମବାର ଜଙ୍ଗଲକୁ କାଠ ଆଣିବାକୁ ଯାଇଥିବା ପେଦାଇଟିଙ୍କି ଗାଁର ଲୋକେ ଗଛରେ ଏକ ମୃତଦେହ ଝୁଲୁଥିବା ଦେଖି ପୋଲିସକୁ ଜଣାଇଥିଲେ। ପୋଲିସ କୋରାପୁଟ ସାଇଣ୍ଟିଫିକ ଟିମ ସହ ଆସି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାର ଯଦୁମଣି ନାୟକଙ୍କ ଉପସ୍ଥିତିରେ ମୃତଦେହ ଜବତ କରିଥିଲା। ନାଇଡୁଙ୍କ ପରିବାର ସଦସ୍ୟ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଚିହ୍ନଟ କରିଥିଲେ । ଉକ୍ତ ଗଳିତ ମୃତଦେହ ବ୍ୟବଚ୍ଛେଦ କରାଇ ପୋଲିସ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି। ଏ ନେଇ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଏସଆଇ ଶୁକ୍ରା ମାଢୀ ସୂଚନା ଦେଇଛନ୍ତି । ନାଇଡୁ ଦୀର୍ଘଦିନ ଧରି ମାନସିକ ଦୁଶ୍ଚିନ୍ତାରେ ରହିଥିବାରୁ ଆତ୍ମହତ୍ୟା କରିଥିବା ପ୍ରାଥମିକ ତଦନ୍ତରୁ ସୂଚନା ମିଳିଛି।

# ଘରୁ ମିଳିଲା ୩୦୭ କିଲୋ ଗଞ୍ଜେଇ

**ଘର ମାଲିକ ଫେରାର**

ନନ୍ଦପୁର, ୨୧।୩( ଡି.ଏନ୍.ଏ.)




କୃଷ୍ଣଙ୍କ ଘରୁ ଜବତ ହୋଇଥିବା ଗଞ୍ଜେଇ।

ଚୋରାଚାଲାଣ ପାଇଁ ଘରେ ଗଞ୍ଜେଇ ଗଚ୍ଛିତ ରଖି ପ୍ରସ୍ତୁତି ଚାଲିଥିଲା। ଏନେଇ ସୂଚନା ପାଇ ସୋମବାର ବିଳମ୍ବିତ ରାତିରେ ପୋଲିସ ଚଢ଼ାଉକରି ଉକ୍ତ ଗଞ୍ଜେଇ ଜବତ କରିଛି। ଏହାର ପରିମାଣ ୩ କୁଇଣ୍ଟାଲ ୭ କେଜି ବୋଲି ଜଣାପଡ଼ିଛି। ତେବେ ଚଢ଼ାଉ ବେଳେ ଘର ମାଲିକ କୃଷ୍ଣ ବଡ଼ନାୟକ ଫେରାର ହୋଇଯାଇଛନ୍ତି। ଏଭଳି ଘଟଣା ମାଛକୁଣ୍ଡ ଥାନା ଅନ୍ତର୍ଗତ ଖେମୁଣ୍ଡୁପୁଟ ଗ୍ରାମରେ ଦେଖିବାକୁ ମିଳିଛି।

ଖବରରୁ ଜଣାପଡ଼ିଛି, ପୋଲିସ, ଅବକାରୀ, ରାଜସ୍ୱ ଓ ଜଙ୍ଗଲ ବିଭାଗ ମିଳିତ ଭାବେ ପୂର୍ବରୁ ଅପରେଶନ ଗ୍ରୀନ୍‌ରେ ଚଢ଼ାଉକରି ନନ୍ଦପୁର ଓ ଲମତାପୁଟ ବ୍ଲକ ଅଞ୍ଚଳରୁ ବିପୁଳ ପରିମାଣର ବେଆଇନ ଗଞ୍ଜେଇ ଚାଷ ନଷ୍ଟ କରିଥିଲେ। ଫଳରେ ଉକ୍ତ ଅଞ୍ଚଳରେ ଗଞ୍ଜେଇ ଚାଷ କମିଥିଲେ ସୁଦ୍ଧା ଜଳପଥ ଦେଇ ମାଲକାନଗିରି ବିଚ୍ଛିନ୍ନାଞ୍ଚଳରୁ ଗଞ୍ଜେଇ ଆଣି ଲୋକେ ଘରେ ରଖି ଅଳ୍ପ ଅଳ୍ପ କରି ଚାଲାଣ କରୁଥିଲେ। ଏ ସମ୍ପର୍କରେ ଗୋଇନ୍ଦା ସୂଚନା ମିଳିବା ପରେ ମାଛକୁଣ୍ଡ ପୋଲିସ ସୋମବାର ବିଳମ୍ବିତ ରାତିରେ ଖେମୁଣ୍ଡୁପୁଟ ଗ୍ରାମର କୃଷ୍ଣଙ୍କ ଘରେ ଚଢ଼ାଉ କରିଥିଲା। ପୋଲିସକୁ ଦୂରରୁ ଦେଖି କୃଷ୍ଣ ଅନ୍ଧାରର ସୁଯୋଗ ନେଇ ଖସି ପଳାଇଥିଲେ। ଘର ଭିତରୁ ପୋଲିସ ଏକାଧିକ ବସ୍ତାରେ ଚାଲାଣ ପାଇଁ ଗଚ୍ଛିତ ଥିବା ଉପରୋକ୍ତ ପରିମାଣର ଗଞ୍ଜେଇ ଜବତ କରିଥିଲା। ମାଛକୁଣ୍ଡ ଥାନାରେ ଏନ୍‌ଡିପିଏସ୍ ଧାରାରେ କେସ୍ ନଂ. ୩୫/୨୩ରେ ମାମଲା ରୁଜୁ ହୋଇଛି। ଏସ୍‌ଆଇ ଡି.ବଡ୍ରିଆ ଏହାର ତଦନ୍ତ ଜାରି ରଖିଥିବା ଏସ୍‌ଡିପିଓ ସଞ୍ଜୟ ମହାପାତ୍ର କହିଛନ୍ତି।

# ଭୁଶୁଡ଼ିବାରେ ଲାଗିଛି ଆୟୁର୍ବେଦ ଚିକିତ୍ସା ଭିତ୍ତିଭୂମି

ସୁନାବେଡ଼ା/ସେମିଳିଗୁଡ଼ା, ନନ୍ଦପୁର, ୨୧।୩(ସ୍ୱ.ପ୍ର./ଡି.ଏନ୍.ଏ.)



ହାଟଗୁଡ଼ା ଆୟୁର୍ବେଦ ଚିକିତ୍ସାଳୟ।

- ଡାକ୍ତର, କର୍ମଚାରୀ ଅଭାବ
- ଅବିଭକ୍ତ କୋରାପୁଟ ଜିଲାରେ ଅଛି ୬୭ ଚିକିତ୍ସାଳୟ
- ଖାଲି ପଦ ପୂରଣ ପାଇଁ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି

ଦିନ ଥିଲା ଆୟୁର୍ବେଦ ଚିକିତ୍ସାକୁ ଅଧିକ ପ୍ରାଧାନ୍ୟ ମିଳୁଥିଲା। ଏବେ ଏଲୋପାଥି ଯୁଗରେ ଆୟୁର୍ବେଦ ଚିକିତ୍ସା ନିଜର ସ୍ଥିତି ହରାଇବାକୁ ବସିଲାଣି। ସରକାର ଆୟୁର୍ବେଦ ଚିକିତ୍ସାଳୟ ଖୋଲିଛନ୍ତି ସତ ମାତ୍ର ଏହାର ଭିତ୍ତିଭୂମିର ଉନ୍ନତି, ଡାକ୍ତର, କର୍ମଚାରୀ ନିଯୁକ୍ତି ଏବଂ ଔଷଧ ଯୋଗାଣ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି। ଫଳରେ ଅବିଭକ୍ତ କୋରାପୁଟ ଜିଲାରେ ଥିବା ୬୭ଟି ଆୟୁର୍ବେଦ ଚିକିତ୍ସାଳୟର ଭିତ୍ତିଭୂମି ଭୁଶୁଡ଼ିବାରେ ଲାଗିଛି। ନନ୍ଦପୁର ବ୍ଲକ ପାଙ୍ଗଲୁଙ୍ଗ ପଞ୍ଚାୟତ ହାଟଗୁଡ଼ା ଗ୍ରାମରେ ଥିବା ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟର ଅବସ୍ଥାରୁ ଏହା ବେଶ୍ ଅନୁମେୟ।

ଏହି ବ୍ଲକର ୨୩ ପଞ୍ଚାୟତବାସୀଙ୍କ ପାଇଁ ହାଟଗୁଡ଼ାରେ ଗୋଟିଏ ମାତ୍ର ସରକାରୀ ଆୟୁର୍ବେଦିକ ଚିକିତ୍ସାଳୟ ରହିଛି। ଦୀର୍ଘଦିନ ହେଲା ଡାକ୍ତରଖାନାର କାନ୍ଥ, ଆଜବେଷ୍ଟସ ଛପର ଭାଙ୍ଗିରୁଜି ପଡ଼ିଛି। ଦୈନିକ ଏଠାକୁ ବିଭିନ୍ନ ପ୍ରକାର ରୋଗୀ ଆସୁଥିଲେ ମଧ୍ୟ ଉପଯୁକ୍ତ ଔଷଧ ଅଭାବରୁ ଚିକିତ୍ସା ସମ୍ଭବ ହୋଇପାରୁନାହିଁ ବୋଲି କହିଛନ୍ତି ଏଠାକାର କାର୍ଯ୍ୟରତ ଡାକ୍ତର ଶିବରାମ ମୁର୍ମୁ। ତାଙ୍କ ନିଯୁକ୍ତି ହାଟଗୁଡ଼ା ଡାକ୍ତରଖାନା ପାଇଁ ହୋଇଥିବା ବେଳେ ଜିଲାରେ ଡାକ୍ତର ଅଭାବରୁ ମୁର୍ମୁଙ୍କୁ ଲମତାପୁଟ ବ୍ଲକ ଦେବଗନ୍ଧନା ଚିକିତ୍ସାଳୟ ଦାୟିତ୍ୱ ମଧ୍ୟ ତୁଲାଇବାକୁ ପଡୁଛି। ଏଥିପାଇଁ ସେ ପାଳିକରି ଦୁଇଟି ଚିକିତ୍ସାଳୟରେ ରୋଗୀ ଚିକିତ୍ସା କରୁଛନ୍ତି। ଯେଉଁଦିନ ଯେଉଁ ଚିକିତ୍ସାଳୟରେ ଡାକ୍ତର ଅନୁପସ୍ଥିତ ରହୁଛନ୍ତି ସେଠାରେ କର୍ମଚାରୀମାନେ ଫୋନ୍ ଯୋଗେ ଡାକ୍ତରଙ୍କ ପରାମର୍ଶ ନେଇ ରୋଗୀଙ୍କୁ ଚିକିତ୍ସା କରୁଥିବା ପାଙ୍ଗଲୁଙ୍ଗ ସରପଞ୍ଚ ପୂଜା ଖିଲ କହିଛନ୍ତି। ତୁରନ୍ତ ହାଟଗୁଡ଼ା ଆୟୁର୍ବେଦ ଚିକିତ୍ସାଳୟର ଭିତ୍ତିଭୂମିରେ ସୁଧାର ଆଣିବାକୁ ସରପଞ୍ଚ ଖିଲ ଦାବି କରିଛନ୍ତି।

ଏ ସମ୍ପର୍କରେ ଅବିଭକ୍ତ କୋରାପୁଟ ଜିଲା ପାଇଁ ରାୟଗଡ଼ାରେ ରହିଥିବା ବିଭାଗୀୟ ନିର୍ଦ୍ଦେଶକ କାଶୀ ବିଶ୍ୱନାଥ ସୋରେନଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେ, ଏହା କେବଳ ନନ୍ଦପୁର ବ୍ଲକର ସମସ୍ୟା ନୁହେଁ, କୋରାପୁଟ ଜିଲାର ୧୪ ବ୍ଲକ ପାଇଁ ଥିବା ୧୮ଟି, ଅବିଭକ୍ତ କୋରାପୁଟ ଜିଲାର ନବରଙ୍ଗପୁରର ୨୨ଟି, ମାଲକାନଗିରିର ୭ଟି ଏବଂ ରାୟଗଡ଼ାର ୨୦ଟି ଏହିପରି ମୋଟ ୬୭ଟି ସରକାରୀ ଆୟୁର୍ବେଦ ଚିକିତ୍ସାଳୟର ଅବସ୍ଥା ଏପରି ବୋଲି ସେ କହିଛନ୍ତି। ସବୁ ଆୟୁର୍ବେଦ ଡାକ୍ତରଖାନା ପୁରୁଣା। ସବୁଠି ଆବଶ୍ୟକ ଭିତ୍ତିଭୂମି, ଡାକ୍ତର ଓ କର୍ମଚାରୀ ଅଭାବ ଲାଗିରହିଛି। କୋରାପୁଟ ଜିଲାର ୧୮ ଚିକିତ୍ସାଳୟରେ ୯ ଜଣ ଡାକ୍ତର, ୧୧ ସହାୟକ, ୨ ପିଅନ ପଦବୀ ଖାଲି ପଡ଼ିଛି। ମାଲକାନଗିରି ଜିଲାରେ ୭ଟି ଚିକିତ୍ସାଳୟ ଥିବା ବେଳେ ୨ଡାକ୍ତର, ୩ ସହାୟକ ଓ ୩ ପିଅନ ପଦବୀ ଖାଲି ରହିଛି। ନବରଙ୍ଗପୁର ଜିଲାରେ ୨୨ଟି ଚିକିତ୍ସାଳୟ ଥିବାବେଳେ ୧୦ ଡାକ୍ତର, ୮ ସହାୟକ ଓ ୫ ପିଅନ ପଦବୀ ଖାଲି ପଡ଼ିଛି। ସେହିଭଳି ରାୟଗଡ଼ା ଜିଲାରେ ୨୦ଟି ଆୟୁର୍ବେଦ ଚିକିତ୍ସାଳୟ ଥିବାବେଳେ ୬ ଡାକ୍ତର, ୧୩ ସହାୟକ ଓ ୪ ପିଅନ ପଦବୀ ଖାଲି ରହିଛି। ଅବିଭକ୍ତ କୋରାପୁଟ ଜିଲାରେ କାର୍ଯ୍ୟରତ ୧୫ଜଣ ଡାକ୍ତରଙ୍କୁ ପିଜି ପାଠ୍ୟକ୍ରମ ଆଳରେ ଉପକୂଳ ଅଞ୍ଚଳ ଯଥା ପୁରୀ, ଖୋର୍ଦ୍ଧା, କଟକ ଆଦି ଚିକିତ୍ସାଳୟରେ ରଖାଯାଇଛି। ଡାକ୍ତର ଓ କର୍ମଚାରୀ ନିଯୁକ୍ତି ନିମନ୍ତେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିବା ସୋରେନ ପ୍ରକାଶ କରିଛନ୍ତି।

# ସରକାରୀ ଯୋଜନାରେ ସାମିଲ କରିବ 'ଆସ ଖୋଜିବା'

ନବରଙ୍ଗପୁର, ୨୧।୩(ବି.ପ୍ର.)

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶାନୁଯାୟୀ ମଙ୍ଗଳବାର ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍ଦେଶ୍ୟରେ ଜିଲାରେ ଶିଶୁମାନଙ୍କର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଥିବା ଜିଲାସ୍ତରୀୟ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତୀକରଣ ଓ ବାଲ୍ୟବିବାହ ପ୍ରତିରୋଧ ଟାସ୍କଫୋର୍ସ, ଶିଶୁ ଶ୍ରମିକ ନିରାକରଣ ଏବଂ ଚାଇଲ୍ଡଲାଇନ ପରାମର୍ଶଦାତା କମିଟିର ମିଳିତ ବୈଠକ ଜିଲାପାଳ ଡ. କମଳଲୋଚନ ମିଶ୍ରଙ୍କ ଅଧକ୍ଷତାରେ କରାଯାଇଛି। ଏହି ଜିଲାରେ ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷା ଓ ବାଲ୍ୟବିବାହକୁ ରୋକିବା ପାଇଁ ପ୍ରଶାସନର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛି। ବିଭାଗଗୁଡ଼ିକ ମଧ୍ୟରେ ଉତ୍ତମ ସମ୍ପର୍କ ରଖି ଜିଲାରେ ସମସ୍ତ ଶିଶୁଙ୍କୁ ସୁରକ୍ଷା ଦେବା ସହିତ ନବରଙ୍ଗପୁରକୁ ବାଲ୍ୟ ବିବାହ ମୁକ୍ତ କରିବା ଦିଗରେ ଏହି ବୈଠକ ସହାୟକ ହେବ ବୋଲି ଜିଲାପାଳ କହିଛନ୍ତି। ଏଥିସହିତ ଆଗାମୀ ଦିନରେ ଜିଲାରେ 'ଆସ ଖୋଜିବା' ଅଭିଯାନ ଆରମ୍ଭ କରାଯାଇ ବିପଦସଙ୍କୁଳ ଅବସ୍ଥାରେ ଥିବା ପରିବାର ଓ କିଶୋରୀକିଶୋରମାନଙ୍କୁ ସରକାରୀ ଯୋଜନାରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି।


ବୈଠକରେ ଜିଲାପାଳ, ଏସ୍‌ପି, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ବୈଠକରେ ଏସ୍‌ପି ଏସ୍.ସୁଶ୍ରୀ ଯୋଗଦେଇ ଜିଲା ପ୍ରଶାସନ ଓ ପୋଲିସର ମିଳିତ ସହଯୋଗରେ ଆଗାମୀ ଦିନରେ କିଶୋରୀ ଜାଗୃତା ସପ୍ତାହ ପାଳନ କରାଯିବ। ସମସ୍ତ ହାଇସ୍କୁଲ ଓ କଲେଜରେ ମହିଳା ସୁରକ୍ଷା, ବାଲ୍ୟବିବାହ ନିରାକରଣ ଓ ପୋକ୍‌ସୋ ଆକ୍ଟ ଉପରେ ସଚେତନ କରାଯିବ ବୋଲି ସେ କହିଥିଲେ। ଜିଲାର ୧୦ ବ୍ଲକ ଓ ୧୮୯ ପଞ୍ଚାୟତସ୍ତରରେ ଏପରି ବୈଠକ କରାଯାଇଛି ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ କହିଛନ୍ତି। ୨୦୨୦ ଜାନୁୟାରୀରୁ ୨୦୨୩ ଫେବୃୟାରୀ ମଧ୍ୟରେ ଜିଲାରେ ମୋଟ ୬୫୮ ବାଲ୍ୟବିବାହ ବନ୍ଦ କରାଯାଇଛି। ଏବେ ଯାଏ ୪୫୫ ରାଜସ୍ୱ ଗ୍ରାମ ଓ ୪୨୬ ପଡ଼ାଗ୍ରାମକୁ ବାଲ୍ୟବିବାହମୁକ୍ତ ଗ୍ରାମଭାବେ ଘୋଷଣା କରାଯାଇଛି ବୋଲି ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ କହିଛନ୍ତି। ଶିଶୁଙ୍କ ସୁରକ୍ଷା ଓ ବାଲ୍ୟ ବିବାହର ସମାପ୍ତ ଉଦ୍ଦେଶ୍ୟରେ ଜିଲାରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ଆଗାମୀ ଦିନର କାର୍ଯ୍ୟକ୍ରମ ଉପରେ ଆକ୍ସନଏଡ୍ ଜିଲା ପରାମର୍ଶଦାତା ଫକୀର ଚରଣ ରାଉତ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଇଓ ପ୍ରଦୀପ ନାଗ, ଜିଲା ଚିକିତ୍ସା ଅଧିକାରୀ ଡା. ମଳୟ ମିଶ୍ର, ଜିଲା ଶିଶୁମଙ୍ଗଳ ସମିତିର ଅଧ୍ୟକ୍ଷ ଅଜନ୍ତା ପ୍ରିୟଦର୍ଶିନୀ, ଜିଲା ଶ୍ରମ ଅଧିକାରୀ କୁବେର ବେହେରା, ଜିଲା ନିୟୋଜନ ଅଧିକାରୀ ଆନନ୍ଦ ପଣ୍ଡା, ବାଲ୍ୟବିବାହ ନିଷେଧ ଅଧିକାରୀ ଏସ୍. ଗୀତା, ସୁରମା ମହାପାତ୍ର, ଶୈଳେନ୍ଦ୍ରୀ ମହାନନ୍ଦ, ଯମୁନା ଭତ୍ରା, ଗୀତା ମହାରଣା, ସଂଯୁକ୍ତା ବେହେରା, ଗୀତାରାଣୀ ମିଶ୍ର, କାଞ୍ଚନ ପଣ୍ଡା, ବିରଜା ମୋହିନୀ ପାଙ୍ଗୀ, ପିରାମଲ ଫାଉଣ୍ଡେଶନ ଜିଲା ସଂଯୋଜକ ଦେବବ୍ରତ ଆଚାର୍ଯ୍ୟ ଏବଂ ଜିଲା ସମାଜ କଲ୍ୟାଣ ବିଭାଗର ସୁପରଭାଇଜର, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ନନ୍ଦାହାଣ୍ଡି ସିଡିପିଓ ସସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ।

**ନବରଙ୍ଗପୁରରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ**

- କିଶୋରୀ ଜାଗୃତା ସପ୍ତାହରେ ବାଲ୍ୟବିବାହ ରୋକିବା ନେଇ ସଚେତନ କରାଯିବ
- ୪୫୫ ରାଜସ୍ୱ, ୪୨୬ ପଡ଼ା ଗାଁ ବାଲ୍ୟବିବାହ ମୁକ୍ତ

## ସଂକ୍ଷେପରେ

### ନିଜ ସହ ଅନ୍ୟଙ୍କୁ ସୁରକ୍ଷା ଦେବା ନେଇ ତାଲିମ

**ଅଗ୍ନି ନିରାପତ୍ତା, ଗ୍ରୀଷ୍ମ ପ୍ରବାହ ସଚେତନତା କାର୍ଯ୍ୟକ୍ରମର ମକ୍‌ଡ୍ରିଲ୍**

ନବରଙ୍ଗପୁର,୨୧।୩(ବି.ପ୍ର.)- ନବରଙ୍ଗପୁର ଜିଲା ସଦରମହକୁମା ମୁଖ୍ୟ ଚିକିତ୍ସାଳୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଅଗ୍ନିଶମ ବିଭାଗ ପକ୍ଷରୁ ଜିଲାପାଳ ଡ. କମଳଲୋଚନ ମିଶ୍ରଙ୍କ ଉପସ୍ଥିତିରେ ଏକ ଅଗ୍ନି ନିରାପତ୍ତା ଓ ଗ୍ରୀଷ୍ମ ପ୍ରବାହ ସଚେତନତା କାର୍ଯ୍ୟକ୍ରମର ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଜରୁରିକାଳୀନ ପରିସ୍ଥିତିରେ ଅଗ୍ନିକାଣ୍ଡର ମୁକାବିଲା ପାଇଁ ବିଭିନ୍ନ କୌଶଳ ପ୍ରଦର୍ଶନ କରିବା ସହ ନିଜକୁ ଏବଂ ଅନ୍ୟମାନଙ୍କୁ କିପରି ନିଆଁ ଦାଉରୁ ସୁରକ୍ଷିତ ରଖାଯାଇପାରିବ ସେ ସମ୍ପର୍କରେ ତାଲିମ ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ, ଅଗ୍ନିଶମ ଅଧିକାରୀ, ଜିଲା ଜରୁରିକାଳୀନ ଅଧିକାରୀ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ, ଜିଲା ଜରୁରିକାଳୀନ ବିଭାଗ ପ୍ରୋଗ୍ରାମ ଅଫିସର,ମୁଖ୍ୟ ଚିକିତ୍ସାଳୟର ସମସ୍ତ ଅଧିକାରୀଙ୍କ ସହ ସମସ୍ତ ସଫେଇ କର୍ମଚାରୀ, ଷ୍ଟାଫ୍ ନର୍ସ, ସୁରକ୍ଷା କର୍ମଚାରୀ, ଜିଲା ଜରୁରିକାଳୀନ ବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଟଙ୍କା ଫେରି ପାଇଲେ ସାଇବର ଠକେଇ ଶିକାର ଯୁବକ

ଉମରକୋଟ, ୨୧।୩(ସ୍ୱ.ପ୍ର.)- ଏକ ମାସ ପୂର୍ବରୁ ସାଇବର ଠକଙ୍କ ଜାଲରେ ପଡ଼ି ଲକ୍ଷାଧିକ ଟଙ୍କା ହରାଇ ଥିବା ଉମରକୋଟ ଅଞ୍ଚଳର ଗୋକୁଲ ବିଶ୍ୱାସ ନିଜ ଟଙ୍କା ଫେରି ପାଇଛନ୍ତି। ମଙ୍ଗଳବାର ତାଙ୍କୁ ଉମରକୋଟ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା ଟଙ୍କା ଫେରସ୍ତ କରିଛନ୍ତି। ସୂଚନାନୁଯାୟୀ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ମୂର୍ତ୍ତୁମା ପଞ୍ଚାୟତର ସାନଖଡ଼କା ଗ୍ରାମର ଗୋକୁଲ ବିଶ୍ୱାସ ସାଇବର ଠକେଇର ଶିକାର ହୋଇ ୧ ଲକ୍ଷ ୫ହଜାର ୩୨ ଟଙ୍କା ହରାଇଥିଲେ। ଏହାପରେ ସେ ଉମରକୋଟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରିଥିଲା। ଉମରକୋଟ ପୋଲିସ ସାଇବର ବିଶେଷଜ୍ଞଙ୍କ ସହଯୋଗରେ ଘଟଣା ପଛର ମାଷ୍ଟରମାଇଣ୍ଡ ଗଞ୍ଜାମ ଜିଲା ବାଲିପଦର ଥାନା ଅଞ୍ଚଳର ଜଣେ ନାବାଳକଙ୍କୁ ମାର୍ଚ୍ଚ ୩ ତାରିଖରେ ଆଣିଥିଲା। ତାଙ୍କଠାରୁ ପୋଲିସ ନଗଦ ଏକ ଲକ୍ଷ ପାଞ୍ଚ ହଜାର ଟଙ୍କା ଜବତ କରିଥିଲା।

### ୬୬୮୨ କେଜି ଗଞ୍ଜେଇ ନଷ୍ଟ କଲା ପୋଲିସ

କୋରାପୁଟ,୨୧।୩(ସ୍ୱ.ପ୍ର.)- କୋରାପୁଟ ପୋଲିସ ପକ୍ଷରୁ ଜିଲାରେ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରୁ ଜବତ କରାଯାଇଥିବା ୬୬୮୨ କେଜି ୫ଶହ ଗ୍ରାମ ଗଞ୍ଜେଇକୁ ନାଲକୋର ପ୍ଲାଣ୍ଟରେ ନଷ୍ଟ କରାଯାଇଥିବା ଜଣାଯାଇଛି। ଜିଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକାରଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ଗଞ୍ଜେଇ ସବୁ ନଷ୍ଟ କରାଯାଇଥିଲା।

### କ୍ୟାନସର ପୀଡ଼ିତଙ୍କୁ ପିଏମ୍‌ଓ ରିଲିଫ ଫଣ୍ଡରୁ ସହାୟତା



ଗୁଣପୁର,୨୧।୩ (ଡି.ଏନ୍. ଏ)- ରାୟଗଡା ଜିଲା ଗୁଣପୁର ସହର କତାପେଟା ବେଲ୍ ହଷ୍ଟେଲ ନିକଟରେ ରହୁଥିବା କ୍ୟାନସର ପୀଡିତ ଲଳିତ ମିଶ୍ରଙ୍କୁ ପ୍ରଧାନମନ୍ତ୍ରୀ ରିଲିଫ ଫଣ୍ଡରୁ ୩ ଲକ୍ଷ ଟଙ୍କା ସାହାଯ୍ୟ ମିଳିଛି। ଅବସରପ୍ରାପ୍ତ ଶିକ୍ଷକ ଦେବୀ କିଙ୍କର ମିଶ୍ରଙ୍କ ପୁଅ ଲଳିତ କ୍ୟାନସରରେ ଆକ୍ରାନ୍ତ ହୋଇଥିବା ଗତବର୍ଷ ଜାଣିବା ପରେ ସେ ଟାଟା ମେମୋରିଆଲ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ଏକ ଘରୋଇ ଅନୁଷ୍ଠାନରେ ସ୍ୱଳ୍ପ ଦରମା ପାଉଥିବା ଲଳିତଙ୍କୁ ଏଭଳି ପରିସ୍ଥିତିରେ ସହରର କେତେକ ସଂଗଠନ ସାହାଯ୍ୟ କରିବାକୁ ଆଗେଇ ଆସିଥିଲେ। ପରେ କୋରାପୁଟ ଏମ୍‌ପି ସପ୍ତଗିରୀ ଉଲାକାଙ୍କ ଅନୁରୋଧପତ୍ରକୁ ଭିତ୍ତିକରି ପ୍ରଧାନମନ୍ତ୍ରୀ ରିଲିଫ ଫଣ୍ଡରୁ ଲଳିତଙ୍କୁ ୩ ଲକ୍ଷ ଟଙ୍କାର ସାହାଯ୍ୟ ପ୍ରଦାନ କରାଯାଇଛି। ଏହି ଅର୍ଥକୁ ପିଏମ୍‌ଓ ଅଫିସ ଟାଟା ମେମୋରିଆଲ ହସ୍ପିଟାଲକୁ ଦେଇଥିବା ଜଣାପଡ଼ିଛି। ଲଳିତଙ୍କ ପରିବାର ଏଥିଲାଗି ଏମ୍‌ପି ଓ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟକୁ କୃତଜ୍ଞତା ଜଣାଇଛନ୍ତି।

# ଓକିଲ ସଂଘ ନିର୍ବାଚନ ପ୍ରଚାର ଜୋରଦାର

ଗୁଣପୁର,୧୨।୩(ଡି.ଏନ୍.ଏ.)

ଗୁଣପୁର ଓକିଲ ସଂଘ ନିର୍ବାଚନ ଆସନ୍ତା ୨୫ ତାରିଖରେ ହେବ। ସଂଘର ବିଭିନ୍ନ ପଦବୀ ଲାଗି ପ୍ରାର୍ଥୀମାନେ ସେମାନଙ୍କ ପ୍ରଚାର କାର୍ଯ୍ୟ ଜୋରଦାର କରିଛନ୍ତି। ସେମାନେ ଫୋନ ଯୋଗେ ଏବଂ ଘର ଘର ବୁଲି ନିଜ ସପକ୍ଷରେ ପ୍ରଚାର କରୁଛନ୍ତି। ଗୁଣପୁର ଓକିଲ ସଂଘ ଇତିହାସରେ ଏପରି ପ୍ରଚାର ପ୍ରଥମ ବୋଲି କୁହାଯାଉଛି। ଏଠାରେ ସଭାପତି ପଦ ପାଇଁ ଦ୍ୱିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ବରିଷ୍ଠ ଆଇନଜୀବୀ ଉମା ଚରଣ ପଟ୍ଟନାୟକ ଏବଂ ଦେବୀ ପ୍ରସାଦ ଆଚାର୍ଯ୍ୟଙ୍କ ମୁକାବିଲା ହେଉଛି। ସେହିପରି ଉପ ସଭାପତି ପଦବୀ ପାଇଁ ରମେଶ ଚନ୍ଦ୍ର ଲିମା ଏବଂ ଗଣେଶ ସାହୁଙ୍କ ମଧ୍ୟରେ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ସଂପାଦକ ପଦ ପାଇଁ ପାଇଁ ବିଷ୍ଣୁ ପାଢୀ ଏବଂ ପ୍ରବୀଣ ପଟ୍ଟନାୟକଙ୍କ ମଧ୍ୟରେ କଡା ମୁକାବିଲା ହେବାକୁ ଥିବା ବେଳେ ଯୁଗ୍ମ ସଂପାଦକ ପଦ ପାଇଁ ୩ ଜଣ ପ୍ରାର୍ଥୀ ହୋଇଛନ୍ତି। ଯୁଗ୍ମ ସଂପାଦକ ପାଇଁ ଆର.ଡି.ମିଶ୍ର, ସୁଧୀର ପତି ଏବଂ ଭାଗିରଥି ବାଙ୍ଗାରି ପ୍ରାର୍ଥୀ ହୋଇଛନ୍ତି। ୨୫ ତାରିଖରେ ସକାଳ ୮ଟାରୁ ଅପରାହ୍ଣ ୩ ଟା ପର୍ଯ୍ୟନ୍ତ ଭୋଟ ଗ୍ରହଣ ଓ ପରେ ଗଣତି ସହ ଫଳାଫଳ ଘୋଷଣା କରାଯିବ।

# ବର୍ଷା କ୍ଷତିଗ୍ରସ୍ତଙ୍କୁ ବିଜେଡି ନେତାଙ୍କ ସହାୟତା


 କ୍ଷତିଗ୍ରସ୍ତଙ୍କୁ ରିଲିଫ ସାମଗ୍ରୀ ଦେଉଛନ୍ତି କାଶୀପୁର ବ୍ଲକ ଅଧ୍ୟକ୍ଷ ।

ରାୟଗଡ଼ା,୨୧।୩(ସ୍ୱ.ପ୍ର.)

କାଶୀପୁର ବ୍ଲକରେ ଗତ ଶୁକ୍ରବାର ହୋଇଥିବା କୁଆପଥର ବର୍ଷାରେ କ୍ଷତିଗ୍ରସ୍ତ ୫୨ ପରିବାରକୁ ପୂର୍ବତନ ରାଜ୍ୟସଭା ସାଂସଦ ଏନ.ଭାସ୍କର ରାଓ ସହାୟତାର ହାତ ବଢ଼ାଇଛନ୍ତି । ବ୍ଲକର ବାସଙ୍ଗମାଳି, ତଳକାମ୍ପର, ଟିକରପଡ଼ା, କାଳିଆପଡ଼ା ଓ ଅନ୍ୟ କ୍ଷତିଗ୍ରସ୍ତ ଗ୍ରାମରେ ଭାସ୍କର ରାଓ ଓ ବିଜେଡ଼ି କର୍ମୀମାନେ ରାଶନ ସାମଗ୍ରୀ ବଣ୍ଟନ କରିଛନ୍ତି। ରାଜ୍ୟରେ ହୋଇଥିବା ପଶ୍ଚିମାଝଡ଼ର ବିଶେଷ ପ୍ରଭାବ କାଶୀପୁର ବ୍ଲକରେ ଦେଖାଦେଇଥିଲା । ପ୍ରବଳ ବର୍ଷା ସାଙ୍ଗକୁ କୁଆପଥର ମାଡ଼ରେ ବିଭିନ୍ନ ପଞ୍ଚାୟତରେ ଘର ଫସଲ କ୍ଷତି ହୋଇଛି। ବଡ଼ମାଡ଼ି, ମାଣ୍ଡିବିସି, ଗୋରଖପୁର, ଟିକିରି, ମାଇକଞ୍ଚ, ଡଙ୍ଗାସିଲ, ପୋଡ଼ାପାଡ଼ି, କାଶୀପୁର ଓ କୁଚେଇପଦର ପଞ୍ଚାୟତରେ ମୋଟ ୫୨ଟି ଘର ଭାଙ୍ଗିଥିଲା। କ୍ଷତିଗ୍ରସ୍ତଙ୍କୁ ସହାୟତା ପାଇଁ ପୂର୍ବତନ ରାଜ୍ୟସଭା ସାଂସଦ ରାଓଙ୍କ ନିର୍ଦ୍ଦେଶକ୍ରମେ ବିଜେଡ଼ି ନେତା ତଥା କାଶୀପୁର ବ୍ଲକ ଅଧ୍ୟକ୍ଷ କର୍ଣ୍ଣେଶ୍ୱର ମାଝି, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ବିଜେଡ଼ି ବ୍ଲକ ସଭାପତି ବିନୋଦ ନାଏକ, ବିଜୁ ଯୁବ ଜନତା ଦଳ ଜିଲା ସମ୍ପାଦକ ବିନୋଦ ନାୟକ, କାଶୀପୁର ପୂର୍ବତନ ଜିଲା ପରିଷଦ ସଭ୍ୟା ରତ୍ନମାଳା ପରିଚ୍ଛା ଓ କର୍ମୀମାନେ ଉପରୋକ୍ତ ଅଞ୍ଚଳ ବୁଲି ରାଶନ ସାମଗ୍ରୀ ସହିତ ଚାଉଳ, ଡାଲି ଆଦି ଦେଇଛନ୍ତି।

# ରାୟଗଡ଼ାରେ ଜାଗା ମିଶନ ଉପଦେଷ୍ଟାଙ୍କ ସମୀକ୍ଷା


ଗୁଡ଼ାରୀରେ ହିତାଧିକାରୀଙ୍କ ସହ ଆଲୋଚନା କରୁଛନ୍ତି ଜାଗା ମିଶନ ଉପଦେଷ୍ଟା।

ରାୟଗଡ଼ା,୨୧।୩(ସ୍ୱ.ପ୍ର.)

ରାଜ୍ୟ ସରକାରଙ୍କ ଜାଗା ମିଶନ ଉପଦେଷ୍ଟା ହରି ଶଙ୍କର ରାଉତ ରାୟଗଡ଼ା ଜିଲା ଗସ୍ତରେ ଆସିଥିଲେ। ସେ ରାୟଗଡ଼ା ପୌରପାଳିକା ଏବଂ ଗୁଡାରୀ ବିଜ୍ଞାପିତ ଅଞ୍ଚଳ ପରିଷଦଠାରେ ଜାଗା ମିଶନ ସମ୍ପର୍କିତ କାର୍ଯ୍ୟର ସମୀକ୍ଷା କରିଛନ୍ତି। ରାୟଗଡ଼ାରେ ପୌର ଅଧିକାରୀ ୟାସିର ବିଲାଲ ଅହମ୍ମଦ ଏବଂ ଗୁଡ଼ାରୀଠାରେ ଭାରତୀ ଦେବୀଙ୍କ ସହ ଜାଗା ମିଶନ ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ରାୟଗଡ଼ା ସହରର ୩, ୧୧ ଏବଂ ୨୦ ନମ୍ବର ଏବଂ ଗୁଡାରୀ ଅଞ୍ଚଳର ୧୦ ଓ ୧୧ ନମ୍ବର ୱାର୍ଡ ବୁଲି ଲୋକଙ୍କ ସହ ଜାଗା ମିଶନର କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରି ସେମାନଙ୍କ ମତାମତ ନେଇଥିଲେ। ଜାଗା ମିଶନରେ ଚିହ୍ନଟ ହୋଇ ନଥିବା ଘରଗୁଡ଼ିକୁ ସାମିଲ କରିବା ପାଇଁ ଲୋକଙ୍କ ତରଫରୁ ଉପଦେଷ୍ଟାଙ୍କୁ ଅନୁରୋଧ କରାଯାଇଥିଲା। ଏ ସମ୍ପର୍କରେ ଏକ ବିସ୍ତୃତ ରିପୋର୍ଟ ଅଧିକାରୀଙ୍କୁ ରାଉତ ମାଗିଛନ୍ତି। ରାୟଗଡ଼ା ପୌରାଧ୍ୟକ୍ଷ ମହେଶ ପଟ୍ଟନାୟକ, ଉପାଧ୍ୟକ୍ଷା ଶୁଭ୍ରା ପଣ୍ଡା ଏବଂ ଅନ୍ୟ ଅଧିକାରୀଙ୍କ ସହିତ ରାୟଗଡାଠାରେ ଆଲୋଚନା ହୋଇଥିବା ବେଳେ ଗୁଡାରୀ ଠାରେ ଅଧ୍ୟକ୍ଷା ଶର୍ମିତା ଶବର ଏବଂ ଉପାଧ୍ୟକ୍ଷ ବି.ଯୋଗେଶ୍ୱର ରାଓଙ୍କ ସହ ଉପଦେଷ୍ଟା ରାଉତ ଆଲୋଚନା କରିଥିଲେ। ଆଗାମୀ ଦିନରେ ଏହି କାର୍ଯ୍ୟ ଆହୁରି ତ୍ୱରାନ୍ୱିତ ହେବ ବୋଲି ସେ ପ୍ରକାଶ କରିଛନ୍ତି।

## ପିଡିଏସ୍ କେନ୍ଦ୍ର ତଦାରଖ କଲେ ଜିଲାପାଳ

ରାୟଗଡା ଅଫିସ,୨୧।୩

ରାୟଗଡା ଜିଲାପାଳ ସ୍ୱାଧୀଦେବ ସିଂ ମଙ୍ଗଳବାର ରାୟଗଡା ସଦର ବ୍ଲକ ଅନ୍ତର୍ଗତ ଚାନ୍ଦିଲି ଗ୍ରାମର ପିଡ଼ିଏସ କେନ୍ଦ୍ର ଏବଂ ରାୟଗଡା ସହରର ପୁରୁଣା ବସଷ୍ଟାଣ୍ଡରେ ଥିବା ମୈତ୍ରୀ ସୁଲଭ ମୂଲ୍ୟ ଦୋକାନକୁ ଯାଇ ତଦାରଖ କରିଛନ୍ତି। ହିତାଧିକାରୀଙ୍କୁ ପିଡ଼ିଏସ ସାମଗ୍ରୀ ଠିକରେ ଯୋଗାଇ ଦିଆଯାଉଛି କି ନାହିଁ ସେ ନେଇ ପଚାରିବା ସହ ସାମଗ୍ରୀ ନେବାକୁ ଆସିଥିବା ହିତାଧିକାରୀଙ୍କ ସହ ମଧ୍ୟ ଜିଲାପାଳ ଆଲୋଚନା କରିଥିଲେ। ପିଡ଼ିଏସ ସେଣ୍ଟରରେ ହଠାତ୍ ରେଜିଷ୍ଟର ଯାଞ୍ଚ କରି କାଗଜପତ୍ର ମାଗିଥିଲେ। ସେଗୁଡିକ ଯାଞ୍ଚ କରିବାକୁ ଜିଲା ଯୋଗାଣ ଅଧିକାରୀ ରାଜ କିଶୋର ପାଣିଗ୍ରାହୀଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଜିଲାପାଳଙ୍କ ଗସ୍ତ ବେଳେ ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଏମ୍ ମୁରଲୀ କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

## ଝୁଲନ୍ତା ମୃତଦେହ ଜବତ

ଡାବୁଗାଁ, ୨୧।୩ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଗଲ୍ଲିଆଗୁଡା ଗ୍ରାମ ନିକଟ ଏକ ଜମିରେ ଥିବା କାଜୁ ଗଛରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ମୁର୍ତ୍ତୁମା ଗ୍ରାମର ଖଗପତି ହରିଜନ (୫୫)। ସୂଚନାନୁଯାୟୀ, ଖଗପତି ସୋମବାରରୁ ଘରୁ କେଉଁ ଆଡେ ଚାଲିଯାଇଥିଲେ। ଖଗପତି ସନ୍ଧ୍ୟାରେ ନିଜ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରିଥିଲେ। ମଙ୍ଗଳବାର ସକାଳେ ଡାବୁଗାଁ ଥାନା ଅଧୀନ ଗଲ୍ଲିଆଗୁଡା ଗ୍ରାମ ନିକଟ ଏକ ଜମିରେ ଥିବା କାଜୁ ଗଛରେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ମିଳିବା ଖବର ଶୁଣି ପରିବାର ଲୋକେ ସେଠାରେ ପହଞ୍ଚି ଥିଲେ। ମୃତଦେହ ଖଗପତିଙ୍କର ବୋଲି ପରିବାର ଲୋକେ ଚିହ୍ନଟ କରିବା ପରେ ତାଙ୍କ ପୁତୁରା କେଶବ ଡାବୁଗାଁ ଥାନାରେ ଏତଲା ଦେଇଥିଲେ।

# ଷଷ୍ଠରୁ ପ୍ରବେଶ ଲାଗି ନାମଲେଖା ଅଭିଯାନ


ଏକ ଗାଁରେ ଅଭିଭାବକମାନଙ୍କୁ ପ୍ରଧାନଶିକ୍ଷୟିତ୍ରୀ ଭେଟୁଛନ୍ତି।

**କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ**

ମୁନିଗୁଡ଼ା,୨୧।୩(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡା ବ୍ଲକ ଅନ୍ତର୍ଗତ କୁମୁଡାବାଲିଠାରେ ଥିବା କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟରେ ଛାତ୍ରୀଛାତ୍ରଙ୍କ ନାମ ଲେଖାଇବା ପାଇଁ ଅଭିଯାନ ଆରମ୍ଭ ହୋଇଛି। ପିଲାଙ୍କୁ ଷଷ୍ଠରୁ ପ୍ରବେଶ ନିମନ୍ତେ ଉକ୍ତ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ବାରିକ ବ୍ଲକ ଅନ୍ତର୍ଗତ ମାଗୁଣି, କୁଦୁଲିମା, ଅସୁରପଡା, ଖୁଣ୍ଟବାଡି, ପାଣିମୁଣ୍ଡା ଆଦି ଗ୍ରାମକୁ ଯାଇ ଅଭିଭାବକମାନଙ୍କ ସହିତ ଆଲୋଚନା କରିଛନ୍ତି। ଏଥିସହ ମା' ବାପାଙ୍କୁ ହରାଇଥିବା ଅନାଥ ବାଳିକା, ଡ୍ରପ ଆଉଟ, ଭିନ୍ନକ୍ଷମ ଛାତ୍ରୀ ଆସନ୍ତା ୨୫ ତାରିଖଠାରୁ ଏପ୍ରିଲ୧୦ ପର୍ଯ୍ୟନ୍ତ ଜିଟିଓ କୁମୁଡାବାଲି ସ୍କୁଲରୁ ଫର୍ମ ନେଇ ଅନ୍ତେବାସୀ ପାଇଁ ଆବେଦନ କରିପାରିବେ ବୋଲି ପ୍ରଧାନ ଶିକ୍ଷୟିତ୍ରୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ମୁନିଗୁଡ଼ା ବ୍ଲକର ବହୁ ଆଭ୍ୟନ୍ତରୀଣ ଅଞ୍ଚଳରୁ ଅଭିଭାବକମାନଙ୍କୁ ଯୋଗାଯୋଗ କରାଯାଇଛି। ସେ ସବୁ ଅଞ୍ଚଳରୁ ମଧ୍ୟ ଡ୍ରପ ଆଉଟ ଛାତ୍ରୀ ଆସିବାର ସମ୍ଭାବନା ରହିଛି ବୋଲି ପ୍ରଧାନ ଶିକ୍ଷୟିତ୍ରୀ ପ୍ରକାଶ କରିଛନ୍ତି।

# ସିକ୍ୟୁରିଟି ମ୍ୟାନେଜର ଗିରଫ

ରାୟଗଡ଼ା(ସ୍ୱ.ପ୍ର)/ ଟିକିରି (ଡି.ଏନ.ଏ.),୨୧।୩

ରାୟଗଡ଼ା ଜିଲା ଅଣ୍ଡିରାକଞ୍ଚ ଥାନା ପୋଲିସ ମଙ୍ଗଳବାର ଜଣେ ସିକ୍ୟୁରିଟି ମ୍ୟାନେଜରଙ୍କୁ ଗିରଫ କରିଛି। ସେ ହେଲେ ଡମ୍ବରୁ ନାଏକ। ଡମ୍ବରୁ ଏକ ପ୍ରତିଷ୍ଠିତ କମ୍ପାନୀରେ କାର୍ଯରତ ଥିଲେ। କମ୍ପାନୀ ଟଙ୍କା ଠକେଇ ଓ କର୍ମଚାରୀଙ୍କୁ ଉସୁକାଇବା ଅଭଯୋଗରେ ତାଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। କାଶୀପୁର କୋର୍ଟରେ ଜାମିନ ଅପିଲ ପଡ଼ିଥିବା ବେଳେ ତାଙ୍କୁ ରାୟଗଡ଼ା ଜେଲ୍ ହାଜତକୁ ପଠାଇ ଦିଆଯାଇଛି।

ମିଳିଥିବା ସୂଚନା ଅନୁଯାୟୀ ଡମ୍ବରୁ ନିରୀହ ଆଦିବାସୀଙ୍କୁ କମ୍ପାନୀ ବିରୋଧରେ ଉସୁକାଇ ରାସ୍ତା ଅବରୋଧ, ଗଣଧାରଣା ଭଳି ପ୍ରତିବାଦରେ ସାମିଲ କରୁଥିଲେ। ସେପଟେ ବିଭିନ୍ନ ଆଳରେ କମ୍ପାନୀଠାରୁ ଟଙ୍କା ହଡ଼ପ କରୁଥିଲେ। ଅଣ୍ଡିରା କଞ୍ଚ ଥାନା ପୋଲିସ ତାଙ୍କ ବିରୋଧରେ କେସ ନଂ ୨୦/୨୩ ରେ ଏତଲା ରୁଜୁ କରି ଆଇପିସି ଧାରା ୧୪୩, ୧୪୭, ୧୮୬, ୧୫୩(ଏ), ୨୮୩, ୩୫୩, ୧୦୯, ୧୪୯ ସହ ୪୨୦ଓ ୪୦୬ରେ ଗିରଫ କରିଛି।

# ଦୁଇ ଘରର ଛାତ ଭୁଶୁଡ଼ିଲା

ଗୁଣପୁର,୨୧।୩(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ବ୍ଲକ ବାଗଶଳା ପଞ୍ଚାୟତ ଅଧୀନ ଭାରସିଂ କଲୋନୀର ଦୁଇ ଜଣଙ୍କ ଘରର ଛାତ ଭୁଶୁଡ଼ିଯାଇଛି। ସୌଭାଗ୍ୟବଶତଃ ଘରେ କେହି ନ ଥିବାରୁ କୌଣସି ଅଘଟଣ ଘଟିନାହିଁ। ୧୯୯୬ରେ ବିନାୟକ ପ୍ରଧାନ ଏବଂ ନାନିମି ପ୍ରଧାନ ଏହି ଦୁଇଟି ଇନ୍ଦିରା ଆବାସ ଗୃହ ନିର୍ମାଣ ହୋଇଥିଲା। ଘରଗୁଡିକ ପୁରୁଣା ହୋଇଯାଇଥିବାରୁ ଛାତ ଭୁଶୁଡି ଯାଇଥିବା ଅଭିଯୋଗ ହୋଇଛି। କାଳ ବୈଶାଖୀ ସହ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଉଭୟ ପରିବାରକୁ ସହାୟତା ପ୍ରଦାନ ପାଇଁ ଦାବି ହୋଇଛି।


ଛାତ ଭୁଶୁଡ଼ି ପଡିଥିବା ଘର।

# କୃଷିରେ କାରିଗରି ବିଦ୍ୟା ପ୍ରୟୋଗ କଲେ ଅଧିକ ଲାଭ ମିଳିବ

**କନ୍ଦ ଫସଲରୁ ଉଦ୍ୟୋଗ ବିକାଶ ତାଲିମ୍ କାର୍ଯ୍ୟକ୍ରମ**

ନବରଙ୍ଗପୁର,୨୧।୩(ବି.ପ୍ର.)

କେନ୍ଦ୍ରୀୟ କନ୍ଦ ଫସଲ ଗବେଷଣା ସଂସ୍ଥାନ ଭୁବନେଶ୍ୱର ପକ୍ଷରୁ ୪ ଦିନିଆ କନ୍ଦ ଫସଲରେ ଡିବିଟି କିଷାନ କାର୍ଯ୍ୟକ୍ରମରେ ଉଦ୍ୟୋଗୀ ବିକାଶ ଆରମ୍ଭ ହୋଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପୂର୍ବତନ କୃଷି ଯୁଗ୍ମ ନିର୍ଦ୍ଦେଶକ ଅଂଶୁମାନ ପଟ୍ଟନାୟକ ଯୋଗ ଦେଇ ଉଦ୍ୟୋଗୀ ବିକାଶ ପାଇଁ ରହିଥିବା ଆର୍ଥିକ ସହାୟତା ଓ ଉଦ୍ୟାନ କୃଷିରେ ସମ୍ଭାବନା ସମ୍ପର୍କରେ ଅବଗତ କରିଥିଲେ। ପ୍ରାକୃତିକ କୃଷି ସାଙ୍ଗକୁ କାରିଗରି ବିଦ୍ୟା ପ୍ରୟୋଗ ଦ୍ୱାରା ଆର୍ଥିକ ଲାଭ ସମ୍ପର୍କରେ ସେ କହିଥିଲେ। ଡିବିଟି କିଷାନ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ପ୍ରକାର କନ୍ଦ ଫସଲ ଚାଷ ଓ ମୂଲ୍ୟଯୁକ୍ତ ସାମଗ୍ରୀ ପ୍ରସ୍ତୁତି କରିପାରିଲେ ନିଶ୍ଚିତଭାବେ ଆୟ ବହୁଗୁଣ ହୋଇପାରିବ ବୋଲି ପ୍ରଧାନ ବୈଜ୍ଞାନିକ ଡକ୍ଟର ଏମ୍.ନେଡୁ ଚେଜିଆନ କହିଥିଲେ। ଭୁବନେଶ୍ୱରର ଯୁବ ଉଦ୍ୟୋଗୀ ଡକ୍ଟର ଦିଲୀପ କୁମାର ପାଟସାଣି ଡ୍ରୋନ ମାଧ୍ୟମରେ ସାର ଓ କୀଟନାଶକ ଔଷଧ ପ୍ରୟୋଗ କଲେ ହେଉଥିବା ଲାଭ ସମ୍ପର୍କରେ କହିଥିଲେ। ବିଜ୍ଞାନ ସଞ୍ଚାରକ ଲକ୍ଷ୍ମୀ ନାରାୟଣ ବକ୍ସି କନ୍ଦମୂଳ, ଖମ୍ବଆଳୁ, ଗୟା ଆଳୁରୁ ପ୍ରସ୍ତୁତ ହେଇଥିବା ବିଭିନ୍ନ ପ୍ରକାରର ସାମଗ୍ରୀ ଦ୍ୱାରା ମହିଳାଙ୍କୁ କିପରି ଲାଭ ମିଳିପାରିବ ସେ ସମ୍ପର୍କରେ ବୁଝାଇ ଥିଲେ। ସୁଶାନ୍ତ କୁମାର ଜଟ ଓ ମିନାକ୍ଷୀ ଦିକ୍ଷୀତ ତାଲିମ୍ କାର୍ଯ୍ୟକ୍ରମ ପରିଚାଳନା କରିଥଲେ। ନବରଙ୍ଗପୁର ଜିଲାର ଉମରକୋଟ ଓ ରାଇଘର ବ୍ଲକରୁ ୧୫ଜଣ ଚାଷୀ ଓ କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକର ୧୫ଜଣ ଚାଷୀ ଏହି ତାଲିମ୍ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।


ତାଲିମ ନେଉଥିବା ଚାଷୀଙ୍କ ସହ ଅନ୍ୟମାନେ।

# ସରକାରୀ ଯୋଜନାରେ ସାମିଲ କରିବ 'ଆସ ଖୋଜିବା'

ନବରଙ୍ଗପୁର, ୨୧।୩(ବି.ପ୍ର.)

ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ନିର୍ଦ୍ଦେଶାନୁଯାୟୀ ମଙ୍ଗଳବାର ନବରଙ୍ଗପୁର ଜିଲା ପ୍ରଶାସନ ପକ୍ଷରୁ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉଦ୍ଦେଶ୍ୟରେ ଜିଲାରେ ଶିଶୁମାନଙ୍କର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ କରୁଥିବା ଜିଲାସ୍ତରୀୟ ଶିଶୁ ସୁରକ୍ଷା କମିଟି, କିଶୋରୀ ସଶକ୍ତୀକରଣ ଓ ବାଲ୍ୟବିବାହ ପ୍ରତିରୋଧ ଟାସ୍କଫୋର୍ସ, ଶିଶୁ ଶ୍ରମିକ ନିରାକରଣ ଏବଂ ଚାଇଲ୍ଡଲାଇନ ପରାମର୍ଶଦାତା କମିଟିର ମିଳିତ ବୈଠକ ଜିଲାପାଳ ଡ. କମଳଲୋଚନ ମିଶ୍ରଙ୍କ ଅଧ୍ୟକ୍ଷତାରେ କରାଯାଇଛି। ଏହି ଜିଲାରେ ପ୍ରତ୍ୟେକ ଶିଶୁଙ୍କୁ ସୁରକ୍ଷା ଓ ବାଲ୍ୟବିବାହକୁ ରୋକିବା ପାଇଁ ପ୍ରଶାସନର ବିଭିନ୍ନ ବିଭାଗ କାର୍ଯ୍ୟ କରୁଛି। ବିଭାଗଗୁଡ଼ିକ ମଧ୍ୟରେ ଉତ୍ତମ ସମ୍ପର୍କ ରଖି ଜିଲାରେ ସମସ୍ତ ଶିଶୁଙ୍କୁ ସୁରକ୍ଷା ଦେବା ସହିତ ନବରଙ୍ଗପୁରକୁ ବାଲ୍ୟ ବିବାହ ମୁକ୍ତ କରିବା ଦିଗରେ ଏହି ବୈଠକ ସହାୟକ ହେବ ବୋଲି ଜିଲାପାଳ କହିଛନ୍ତି। ଏଥିସହିତ ଆଗାମୀ ଦିନରେ ଜିଲାରେ 'ଆସ ଖୋଜିବା' ଅଭିଯାନ ଆରମ୍ଭ କରାଯାଇ ବିପଦସଙ୍କୁଳ ଅବସ୍ଥାରେ ଥିବା ପରିବାର ଓ କିଶୋରୀକିଶୋରମାନଙ୍କୁ ସରକାରୀ ଯୋଜନାରେ ସାମିଲ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ସେ କହିଛନ୍ତି।


ବୈଠକରେ ଜିଲାପାଳ, ଏସ୍‌ପି, ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

ବୈଠକରେ ଏସ୍‌ପି ଏସ୍.ସୁଶ୍ରୀ ଯୋଗଦେଇ ଜିଲା ପ୍ରଶାସନ ଓ ପୋଲିସର ମିଳିତ ସହଯୋଗରେ ଆଗାମୀ ଦିନରେ କିଶୋରୀ ଜାଗୃତା ସପ୍ତାହ ପାଳନ କରାଯିବ। ସମସ୍ତ ହାଇସ୍କୁଲ ଓ କଲେଜରେ ମହିଳା ସୁରକ୍ଷା, ବାଲ୍ୟବିବାହ ନିରାକରଣ ଓ ପୋକ୍ସୋ ଆକ୍ଟ ଉପରେ ସଚେତନ କରାଯିବ ବୋଲି ସେ କହିଥିଲେ। ଜିଲାର ୧୦ ବ୍ଲକ ଓ ୧୮୯ ପଞ୍ଚାୟତସ୍ତରରେ ଏପରି ବୈଠକ କରାଯାଇଛି ବୋଲି ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ କହିଛନ୍ତି। ୨୦୨୦ ଜାନୁୟାରୀରୁ ୨୦୨୩ ଫେବୃୟାରୀ ମଧ୍ୟରେ ଜିଲାରେ ମୋଟ ୬୫୮ ବାଲ୍ୟବିବାହ ବନ୍ଦ କରାଯାଇଛି। ଏବେ ଯାଏ ୪୫୫ ରାଜସ୍ୱ ଗ୍ରାମ ଓ ୪୨୬ ପଡ଼ାଗ୍ରାମକୁ ବାଲ୍ୟବିବାହମୁକ୍ତ ଗ୍ରାମଭାବେ ଘୋଷଣା କରାଯାଇଛି

## ନବରଙ୍ଗପୁରରେ ଶିଶୁଙ୍କ ପାଇଁ ଦିନଟିଏ କାର୍ଯ୍ୟକ୍ରମ

- କିଶୋରୀ ଜାଗୃତା ସପ୍ତାହରେ ବାଲ୍ୟବିବାହ ରୋକିବା ନେଇ ସଚେତନ କରାଯିବ
- ୪୫୫ ରାଜସ୍ୱ, ୪୨୬ ପଡ଼ା ଗାଁ ବାଲ୍ୟବିବାହ ମୁକ୍ତ

ବୋଲି ଜିଲା ସମାଜ କଲ୍ୟାଣ ଅଧିକାରୀ ସ୍ୱର୍ଣ୍ଣଲତା ବିଶ୍ୱାସ କହିଛନ୍ତି। ଶିଶୁଙ୍କ ସୁରକ୍ଷା ଓ ବାଲ୍ୟ ବିବାହର ସମାପ୍ତ ଉଦ୍ଦେଶ୍ୟରେ ଜିଲାରେ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ଆଗାମୀ ଦିନର କାର୍ଯ୍ୟକ୍ରମ ଉପରେ ଆକ୍ସନଏଡ୍ ଜିଲା ପରାମର୍ଶଦାତା ଫକୀର ଚରଣ ରାଉତ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡିଇଓ ପ୍ରଦୀପ ନାଗ, ଜିଲା ଚିକିତ୍ସା ଅଧିକାରୀ ଡା. ମଳୟ ମିଶ୍ର, ଜିଲା ଶିଶୁମଙ୍ଗଳ ସମିତିର ଅଧ୍ୟକ୍ଷ ଅଜନ୍ତା ପ୍ରିୟଦର୍ଶିନୀ, ଜିଲା ଶ୍ରମ ଅଧିକାରୀ କୁବେର ବେହେରା, ଜିଲା ନିଯୋଜନ ଅଧିକାରୀ ଆନନ୍ଦ ପଣ୍ଡା, ବାଲ୍ୟବିବାହ ନିଷେଧ ଅଧିକାରୀ ଏସ୍. ଗୀତା, ସୁରମା ମହାପାତ୍ର, ଶୈଳେନ୍ଦ୍ରୀ ମହାନନ୍ଦ, ଯମୁନା ଭତ୍ରା, ଗୀତା ମହାରଣା, ସଂଯୁକ୍ତା ବେହେରା, ଗୀତାରାଣୀ ମିଶ୍ର, କାଞ୍ଚନ ପଣ୍ଡା, ବିରଜା ମୋହିନୀ ପାଙ୍ଗୀ, ପିରାମଲ ଫାଉଣ୍ଡେସନ ଜିଲା ସଂଯୋଜକ ଦେବବ୍ରତ ଆଚାର୍ଯ୍ୟ ଏବଂ ଜିଲା ସମାଜ କଲ୍ୟାଣ ବିଭାଗର ସୁପରଭାଇଜର, ଜିଲା ଶିଶୁ ସୁରକ୍ଷା ୟୁନିଟ୍‌ର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ଥିଲେ। ନନ୍ଦାହାଣ୍ଡି ସିଡିପିଓ ସସ୍ମିତା ମହାନ୍ତି ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ନିଜ ସହ ଅନ୍ୟଙ୍କୁ ସୁରକ୍ଷା ଦେବା ନେଇ ତାଲିମ

ଅଗ୍ନି ନିରାପତ୍ତା, ଗ୍ରୀଷ୍ମ ପ୍ରବାହ ସଚେତନତା କାର୍ଯ୍ୟକ୍ରମର ମକ୍‌ଡ୍ରିଲ୍

ନବରଙ୍ଗପୁର,୨୧।୩(ବି.ପ୍ର.)- ନବରଙ୍ଗପୁର ଜିଲା ସଦରମହକୁମା ମୁଖ୍ୟ ଚିକିତ୍ସାଳୟରେ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ଅଗ୍ନିଶମ ବିଭାଗ ପକ୍ଷରୁ ଜିଲାପାଳ ଡ. କମଳଲୋଚନ ମିଶ୍ରଙ୍କ ଉପସ୍ଥିତିରେ ଏକ ଅଗ୍ନି ନିରାପତ୍ତା ଓ ଗ୍ରୀଷ୍ମ ପ୍ରବାହ ସଚେତନତା କାର୍ଯ୍ୟକ୍ରମର ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଯାଇଛି। ଜରୁରିକାଳୀନ ପରିସ୍ଥିତିରେ ଅଗ୍ନିକାଣ୍ଡର ମୁକାବିଲା ପାଇଁ ବିଭିନ୍ନ କୌଶଳ ପ୍ରଦର୍ଶନ କରିବା ସହ ନିଜକୁ ଏବଂ ଅନ୍ୟମାନଙ୍କୁ କିପରି ନିଆଁ ଦାଉରୁ ସୁରକ୍ଷିତ ରଖାଯାଇପାରିବ ସେ ସମ୍ପର୍କରେ ତାଲିମ ଦିଆଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲାପାଳ, ଅଗ୍ନିଶମ ଅଧିକାରୀ, ଜିଲା ଜରୁରିକାଳୀନ ଅଧିକାରୀ, ଅତିରିକ୍ତ ଜିଲା ଚିକିତ୍ସାଧିକାରୀ, ଜିଲା ଜରୁରିକାଳୀନ ବିଭାଗ ପ୍ରୋଗ୍ରାମ ଅଫିସର,ମୁଖ୍ୟ ଚିକିତ୍ସାଳୟର ସମସ୍ତ ଅଧିକାରୀଙ୍କ ସହ ସମସ୍ତ ସଫେଇ କର୍ମଚାରୀ, ଷ୍ଟାଫ୍ ନର୍ସ, ସୁରକ୍ଷା କର୍ମଚାରୀ, ଜିଲା ଜରୁରିକାଳୀନ ବିଭାଗ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

### ଟଙ୍କା ଫେରି ପାଇଲେ ସାଇବର ଠକେଇ ଶିକାର ଯୁବକ



ଉମରକୋଟ, ୨୧।୩(ସ୍ୱ.ପ୍ର.)- ଏକ ମାସ ପୂର୍ବରୁ ସାଇବର ଠକଙ୍କ ଜାଲରେ ପଡ଼ି ଲକ୍ଷାଧିକ ଟଙ୍କା ହରାଇ ଥିବା ଉମରକୋଟ ଅଞ୍ଚଳର ଗୋକୁଳ ବିଶ୍ୱାସ ନିଜ ଟଙ୍କା ଫେରି ପାଇଛନ୍ତି। ମଙ୍ଗଳବାର ତାଙ୍କୁ ଉମରକୋଟ ଥାନାଧିକାରୀ ଗୋବିନ୍ଦ ଚନ୍ଦ୍ର ବୁରୁଦା ଟଙ୍କା ଫେରସ୍ତ କରିଛନ୍ତି। ସୂଚନାନୁଯାୟୀ ନବରଙ୍ଗପୁର ଜିଲା ଉମରକୋଟ ବ୍ଲକ ଅଧୀନ ମୂର୍ତ୍ତୁମା ପଞ୍ଚାୟତର ସାନଖଡ଼କା ଗ୍ରାମର ଗୋକୁଳ ବିଶ୍ୱାସ ସାଇବର ଠକେଇର ଶିକାର ହୋଇ ୧ ଲକ୍ଷ ୫ହଜାର ୩୨ ଟଙ୍କା ହରାଇଥିଲେ। ଏହାପରେ ସେ ଉମରକୋଟ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରିଥିଲା। ଉମରକୋଟ ପୋଲିସ ସାଇବର ବିଶେଷଜ୍ଞଙ୍କ ସହଯୋଗରେ ଘଟଣା ପଛର ମାଷ୍ଟରମାଇଣ୍ଡ ଗଞ୍ଜାମ ଜିଲା ବାଲିପଦର ଥାନା ଅଞ୍ଚଳର ଜଣେ ନାବାଳକଙ୍କୁ ମାର୍ଚ୍ଚ ୩ ତାରିଖରେ ଆଣିଥିଲା। ତାଙ୍କଠାରୁ ପୋଲିସ ନଗଦ ଏକ ଲକ୍ଷ ପାଞ୍ଚ ହଜାର ଟଙ୍କା ଜବତ କରିଥିଲା।

# ୯୭ଗ୍ରାମ ସୁନା, ୨ ଲକ୍ଷ ୧୬ ହଜାର ଟଙ୍କା ଜବତ

## ଘରେ କେହି ନ ଥିବା ସୁଯୋଗରେ ଚୋରି ଅଭିଯୋଗ, ୫ ଗିରଫ

ନବରଙ୍ଗପୁର,୨୧।୩(ବି.ପ୍ର.)

ଚୋରି ଅଭିଯୋଗରେ ୫ଜଣଙ୍କୁ ଗିରଫ କରିଛି ନବରଙ୍ଗପୁର ପୋଲିସ। ଏ ନେଇ ନବରଙ୍ଗପୁର ଥାନାରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ନବରଙ୍ଗପୁର ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ ସୂଚନା ଦେଇଛନ୍ତି। ଅଭିଯୁକ୍ତମାନେ ହେଲେ ନବରଙ୍ଗପୁର ଟାଉନ ଥାନା ଅଞ୍ଚଳର ଧନୁର୍ଜୟ ହରିଜନ, ଶିବ ହରିଜନ, ଅମୀର ଭତରା, ଟିଙ୍କି ହରିଜନ ଓ ସହଦେବ ନାୟକ। ସେମାନଙ୍କ ନିକଟରୁ ୯୭ (ଆଇଆଇଫଏଲ କମ୍ପାନୀରେ ୩୧ ଗ୍ରାମ ୬୦ ଓ ମୁଥୁଟ ଫାଇନାନ୍ସରେ ବନ୍ଧକ ରଖିଥିବା ୨୫ଗ୍ରାମ) ଗ୍ରାମର ସୁନା, ୪୩୦ ଗ୍ରାମ ରୁପା, ଗୋଟିଏ ବାଇକ, ଦୁଇଟି ସ୍କୁଟି ସହ ୨ ଲକ୍ଷ ୧୬ ହଜାର ଟଙ୍କା ଏବଂ ଦେଢ଼ ଲକ୍ଷ ଟଙ୍କାର ଏକ ମୋବାଇଲ ଜବତ କରାଯାଇଛି ବୋଲି ଖବରଦାତା ସମ୍ମିଳନୀରେ ଏସ୍‌ଡିପିଓ କହିଛନ୍ତି।

ପୋଲିସ ସୂଚନାନୁଯାୟୀ, ଗତ ୭ରେ ନବରଙ୍ଗପୁର ସହରର ଦଶହରାପଦା ସାହିର ଆର୍.ନାଗରତ୍ନମ ସପରିବାର ବିଜୟନଗରମ୍ ଯାଇ ୧୪ ତାରିଖରେ ଫେରିଥିଲେ। ଘରେ ପହଞ୍ଚିବା ପରେ ତାଲା ଭାଙ୍ଗି ଚୋରି ହୋଇଥିବା ଦେଖି ସେ ନବରଙ୍ଗପୁର ଥାନାରେ ଏତଲା ଦେଇଥିଲେ। ଘରେ କେହି ନ ଥିବା ଏବଂ ତାଲା ପଡିଥିବାର ସୁଯୋଗ ନେଇ କେହି ଦୁର୍ବୃତ୍ତ ତାଲା ଭାଙ୍ଗି ଆଲମାରିରୁ ପ୍ରାୟ ୧୦ ଲକ୍ଷ ଟଙ୍କା ସହ ୧୨ ଭରି ସୁନା ଓ କିଛି ରୁପା ଚୋରି କରି ନେଇଯାଇଥିବା ଆର୍.ନାଗରତ୍ନମ୍ ନିଜ ଏତଲାରେ ଉଲ୍ଲେଖ କରିଥିଲେ। ପୋଲିସ ଏତଲାକୁ ଭିତ୍ତିକରି ଅଭିଯୁକ୍ତ ଧନୁର୍ଜୟ, ଶିବ, ଅମୀର, ଟିଙ୍କି ଓ ସହଦେବଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କୁ କେସ ନମ୍ବର ୧୨୩/୨୩ରେ କୋର୍ଟ ଚାଲାଣ କରିଛି।


ଗିରଫ ଅଭିଯୁକ୍ତ ଓ ଜବତ ଚୋରି ସାମଗ୍ରୀ ସମ୍ପର୍କରେ ଏସ୍‌ଡିପିଓ ସୂଚନା ଦେଉଛନ୍ତି।

# ଏମ୍‌ପିଙ୍କ ଆଗରେ ଦାବି ଉପସ୍ଥାପନ କଲା ସାହୁ ସମାଜ

ଉମରକୋଟ,୨୧।୩(ସ୍ୱ.ପ୍ର.)

ଉମରକୋଟ ତୈଳିକ ସାହୁ ସମାଜ ପକ୍ଷରୁ ୨୩ତମ ବାର୍ଷିକ ସମ୍ମିଳନୀ ସ୍ଥାନୀୟ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ସମାଜର ସମସ୍ୟା, ତାହାର ସମାଧାନ, ସୁବିଧା ଅସୁବିଧା ଓ ଅନ୍ୟ ଦାବି ବିଷୟରେ ଆଲୋଚନା କରାଯାଇଥିଲା। ଏଥିରେ ଛତିଶଗଡ଼ ବସ୍ତର ଅଞ୍ଚଳ, ଓଡ଼ିଶାର ନବରଙ୍ଗପୁର, ଜୟପୁର, ଉମରକୋଟ, ଡାବୁଗାଁ, ଝରିଗାଁ, ଚନ୍ଦାହାଣ୍ଡି, ରାଇଘର ଅଞ୍ଚଳର ସାହୁ ସମାଜର ମହିଳା ପୁରୁଷ ଯୋଗଦେଇଥିଲେ। ଉମରକୋଟ ଡିଏନ୍‌କେ ରାଧାକୃଷ୍ଣ ମନ୍ଦିରରୁ ଏକ କଳସ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବାପରେ ସଭାସ୍ଥଳରେ ପହଞ୍ଚିଥିଲା। ପୂଜାର୍ଚ୍ଚନ ପରେ ସଭାକାର୍ଯ୍ୟ ଆରମ୍ଭ କରାଯାଇଥିଲା। ତ୍ରିଲୋକ ସାହୁ, ହୀରାଲାଲ ସାହୁ ଏବଂ ତେଜଲାଲ ସାହୁ ସ୍ୱାଗତ ଭାଷଣ ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ନବରଙ୍ଗପୁର ଏମ୍‌ପି ରମେଶ ଚନ୍ଦ୍ର ମାଝି ମୁଖ୍ୟ ଅତିଥି, ଉମରକୋଟ ତୈଳିକ ସାହୁ ସମାଜ ସଭାପତି ଚିଦାନନ୍ଦ ସାହୁ ମୁଖ୍ୟ ବକ୍ତା, ଛତିଶଗଡ଼ ନଗରୀ ଅଞ୍ଚଳର ଅଙ୍ଗଦ ଲାଲ


କାର୍ଯ୍ୟକ୍ରମରେ ଅତିଥି ଉଦ୍‌ବୋଧନ ଦେଉଛନ୍ତି।

## ତୈଳିକ ସାହୁ ସମାଜର ୨୩ତମ ବାର୍ଷିକ ସମ୍ମିଳନୀ

ବନପେଲା, ହୀରାଲାଲ ସାହୁ,ଛତିଶଗଡ଼ ନଗରୀର ସାହୁ ସମାଜ ସଭାପତି ପୁନିତରାମ ସାହୁ, ବସ୍ତର ଅଞ୍ଚଳର ସାହୁ ସମାଜ ଜିଲା ସଭାପତି ହରିଲାଲା ସାହୁ, କାର୍ଯ୍ୟକାରୀ ସଭାପତି ଜାଗେଶ୍ୱର ସାହୁ, ମହିଳା ଜିଲା ସଭାପତି ଲିମ କୁମାରୀ ସାହୁ, ଚନ୍ଦାହାଣ୍ଡି ଗମ୍ଭାରୀଗୁଡ଼ା ସାହୁ ସମାଜ ସଭାପତି ଝୁମକଲାଲ ସାହୁ, ଶିକ୍ଷକ ସୁବାସ ସାହୁ ଅତିଥିଭାବେ ଯୋଗଦେଇଥିଲେ। ସାମାଜିକ ଭବନ ନିର୍ମାଣ ପାଇଁ ଏମ୍‌ପିଙ୍କ ନିକଟରେ ଦାବି କରାଯାଇଥିଲା। ସାମାଜିକ ଭବନ ପାଇଁ ଯାହା ଅନୁଦାନ ରାଶି ଲାଗିବ ସାହାଯ୍ୟ କରିବେ ବୋଲି ଏମ୍‌ପି ଘୋଷଣା କରିଥିଲେ। ମହାସଭାକୁ ଉମରକୋଟ ସାହୁ ସମାଜ ପରିଚାଳନା କରିଥିଲା। ହେମ କୁମାର ସାହୁ, କିଶୋର ସାହୁ, ମାର୍କଣ୍ଡ ସାହୁ, ଦିବାକର ସାହୁ, ମାନସ ସାହୁ, ପ୍ରମୋଦ ସାହୁ , ଯୁଗଳ କିଶୋର ସାହୁ, ମୋହନ ସାହୁ , ପ୍ରଦୀପ କୁମାର ମହାପାତ୍ର, ନରସିଂ ସାହୁ, ବାବନ ସାହୁ , ସଞ୍ଜୀବ ସାହୁ , ଅଶୋକ ସାହୁ ପ୍ରମୁଖ ଏଥିରେ ସହଯୋଗ କରିଥିଲେ। କୃପାରାମ ସାହୁ ଧନ୍ୟବାଦ ଦେଇଥିଲେ।

## ଝୁଲନ୍ତା ମୃତଦେହ ଜବତ

ଡାବୁଗାଁ, ୨୧।୩ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଗଲ୍ଲିଆଗୁଡା ଗ୍ରାମ ନିକଟ ଏକ ଜମିରେ ଥିବା କାଜୁଗଛରୁ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ମିଳିଛି। ମୃତକ ହେଲେ ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଧୀନ ମୂର୍ତ୍ତୁମା ଗ୍ରାମର ଖଗପତି ହରିଜନ (୫୫)। ସୂଚନାନୁଯାୟୀ, ଖଗପତି ସୋମବାରରୁ ଘରୁ କେଉଁ ଆଡେ ଚାଲିଯାଇଥିଲେ। ଖଗପତି ସନ୍ଧ୍ୟାରେ ନିଜ ଘରକୁ ନ ଫେରିବାରୁ ପରିବାର ଲୋକେ ବିଭିନ୍ନ ସ୍ଥାନରେ ତାଙ୍କୁ ଖୋଜାଖୋଜି କରିଥିଲେ। ମଙ୍ଗଳବାର ସକାଳେ ଡାବୁଗାଁ ଥାନା ଅଧୀନ ଗଲ୍ଲିଆଗୁଡା ଗ୍ରାମ ନିକଟ ଏକ ଜମିରେ ଥିବା କାଜୁ ଗଛରେ ଜଣେ ବ୍ୟକ୍ତିଙ୍କ ଝୁଲନ୍ତା ମୃତଦେହ ମିଳିବା ଖବର ଶୁଣି ପରିବାର ଲୋକେ ସେଠାରେ ପହଞ୍ଚି ଥିଲେ। ମୃତଦେହ ଖଗପତିଙ୍କର ବୋଲି ପରିବାର ଲୋକେ ଚିହ୍ନଟ କରିବା ପରେ ତାଙ୍କ ପୁତୁରା କେଶବ ଡାବୁଗାଁ ଥାନାରେ ଏତଲା ଦେଇଥିଲେ। ଉକ୍ତ ଏତଲାକୁ ଭିତ୍ତି କରି ଥାନା ଏଏସ୍‌ଆଇ ବିଜୟ କୁମାର ସାହୁ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଡାବୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲେ। ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯାଇଛି। ଏ ନେଇ ଥାନା କେସ ନଂ ୧୩/୨୩ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ଡାବୁଗାଁ ସରକାରୀ ବାଳିକା ହାଇସ୍କୁଲ ଜିଲାସ୍ତରରେ ପୁରସ୍କୃତ



ପ୍ରଧାନ ଶିକ୍ଷୟିତ୍ରୀ ପୁରସ୍କାର ଗ୍ରହଣ କରୁଛନ୍ତି।

ଡାବୁଗାଁ, ୨୧।୩ (ଡି.ଏନ.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ଅଧୀନ ଜିଲା ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ଡାବୁଗାଁ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟକୁ ଚାରାରୋପଣ ଓ ବନୀକରଣ କାର୍ଯ୍ୟ ପାଇଁ ଶ୍ରେଷ୍ଠ ବିଦ୍ୟାଳୟଭାବେ ମଙ୍ଗଳବାର ପୁରସ୍କୃତ କରାଯାଇଛି। ବିଶ୍ୱ ବନ ଦିବସ ପାଳନ ଉପଲକ୍ଷେ ନବରଙ୍ଗପୁର ଜିଲା ବନବିଭାଗ ଆନୁକୁଲ୍ୟରେ ଚରକ ବନରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଛି। ଏହି ସଭାରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଜିଲାପାଳ ଭାସ୍କର ରଇତୋ, ନବରଙ୍ଗପୁର ବନଖଣ୍ଡ ଅଧିକାରୀ ପ୍ରସନ୍ନ କୁମାର ବେହେରା, ସହକାରୀ ବନ ସଂରକ୍ଷକ ଧନୁର୍ଜୟ ମହାପାତ୍ର, ଗ୍ରାମ୍ୟ ବିକାଶ ସଙ୍ଗଠନ ମୁଖ୍ୟ ଈଶ୍ୱର ସାବତ, ଡାବୁଗାଁ ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମାଙ୍ଗଙ୍କ ସମେତ ଅନ୍ୟ ଅତିଥିମାନେ ଉପସ୍ଥିତ ଥିଲେ। ଏଥିରେ ପୁରସ୍କାର ରୂପେ ମାନପତ୍ର ଓ ଚେକ ପ୍ରଦାନ କରାଯାଇଛି। ବର୍ତ୍ତମାନର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଆରତୀ ବିଶୋୟୀ ଓ ଶିକ୍ଷକ ମହେଶ୍ୱର ନାଥ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ, କର୍ମଚାରୀ ଓ ଛାତ୍ରୀମାନଙ୍କର ନିଷ୍ଠାପର କାର୍ଯ୍ୟ ପାଇଁ ଏହି ପୁରସ୍କାର ମିଳିଥିବାରୁ ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସମସ୍ତଙ୍କୁ ପ୍ରଶଂସା କରିବା ସହ ଧନ୍ୟବାଦ ଜଣାଇଛନ୍ତି। ସୂଚନାନୁଯାୟୀ,ପୂର୍ବତନ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ସ୍ୱାଇଁଙ୍କ ପ୍ରଚେଷ୍ଟାରେ ବିଦ୍ୟାଳୟରେ ଚାରାରୋପଣ ଓ ବନୀକରଣ କାର୍ଯ୍ୟ କରାଯାଇଥିଲା।

# ଉମାକାନ୍ତଙ୍କୁ ଶ୍ରେଷ୍ଠ ବନପାଳ ପୁରସ୍କାର

ଡାବୁଗାଁ, ୨୧।୩ (ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଡାବୁଗାଁ ବନାଞ୍ଚଳ ଅଧୀନ ମଇଦଲପୁର ସେକସନରେ କାର୍ଯ୍ୟରତ ବନପାଳ ଉମାକାନ୍ତ ପଟ୍ଟନାୟକ ବିଶ୍ୱ ବନ ଦିବସରେ ଶ୍ରେଷ୍ଠ ବନପାଳଭାବେ ସମ୍ମାନିତ ହୋଇଛନ୍ତି। ମଙ୍ଗଳବାର ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଓଡ଼ିଶା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଦ୍ୱାରା ବିଶ୍ୱ ବନ ଦିବସ ପାଳନ ଅବସରରେ ତାଙ୍କୁ ମେଡାଲ, ୧୦ ହଜାର ଟଙ୍କାର ଚେକ ସହ ପ୍ରମାଣପତ୍ର ପ୍ରଦାନ କରଯାଇଥିଲା। ଏ ନେଇ ନବରଙ୍ଗପୁର ବନଖଣ୍ଡ ଅଧିକାରୀ ପ୍ରସନ୍ନ କୁମାର ବେହେରା, ଡାବୁଗାଁ ବନାଞ୍ଚଳ ଅଧିକାରୀ ସେତୁରଞ୍ଜନୀ ଗମଙ୍ଗୋ ଓ ଡାବୁଗାଁ ବନାଞ୍ଚଳର ସମସ୍ତ ବନ କର୍ମଚାରୀ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


ବନପାଳ ଉମାକାନ୍ତଙ୍କୁ ପୁରସ୍କୃତ କରାଯାଉଛି।

## ୬୬୮୨ କେଜି ଗଞ୍ଜେଇ ନଷ୍ଟ କଲା ପୋଲିସ

କୋରାପୁଟ,୨୧।୩(ସ୍ୱ.ପ୍ର.)

କୋରାପୁଟ ପୋଲିସ ପକ୍ଷରୁ ଜିଲାରେ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରୁ ଜବତ କରାଯାଇଥିବା ୬୬୮୨ କେଜି ୫ଶହ ଗ୍ରାମ ଗଞ୍ଜେଇକୁ ନାଲକୋର ପ୍ଲାଣ୍ଟରେ ନଷ୍ଟ କରାଯାଇଥିବା ଜଣାଯାଇଛି । ଜିଲା ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକାରଙ୍କ ସମେତ ଅନ୍ୟ ଅଧିକାରୀମାନଙ୍କ ଉପସ୍ଥିତିରେ ଏହି ଗଞ୍ଜେଇ ସବୁ ନଷ୍ଟ କରାଯାଇଥିଲା।

# ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନେଇ ପ୍ରସ୍ତୁତି

ମାଲକାନଗିରି,୨୧।୩(ଡି.ଏନ୍.ଏ.)

ଜିଲାସ୍ତରୀୟ ଓଡ଼ିଶା ଦିବସ ପାଳନ ନେଇ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏହି ବୈଠକରେ ଅତିରିକ୍ତ ଜିଲାପାଳ ତ୍ରିନାଥ ମାଝିଙ୍କ ସହ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ଓଡ଼ିଶା ଦିବସକୁ ଆଡମ୍ବରରେ ସହକାରେ ପାଳନ ପାଇଁ ସାହୁ ସମସ୍ତଙ୍କ ସହଯୋଗ କାମନା କରିଥିଲେ। ଏପ୍ରିଲ ପହିଲା ପ୍ରାତଃ ୫ଟାରେ ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଡାକବାଜି ଯନ୍ତ୍ର ଦ୍ୱାରା ଉତ୍କଳ ବନ୍ଦନା ବଜାଇ ସହର ପରିକ୍ରମା କରାଯିବ। ଉକ୍ତ ଦିନ ପୁରୁଣା କୋର୍ଟ ପରିସରରେ ପୂର୍ବାହ୍ନରେ ଏକ ସଭା ହେବ। ନିଜ କାର୍ଯ୍ୟାଳୟ ଓ ବିଦ୍ୟାଳୟ ପରିସର ଏବଂ ସହରର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଜିଲାର ପଦାଧିକାରୀମାନେ ପୁଷ୍ପମାଲ୍ୟ ଅର୍ପଣ କରିବେ। ସେହିପରି ଜିଲାର ସମସ୍ତ ବ୍ଲକ, ତହସିଲ, ଗ୍ରାମପଞ୍ଚାୟତ ଓ ଅନ୍ୟାନ୍ୟ କାର୍ଯ୍ୟାଳୟରେ ଓଡ଼ିଶା ଦିବସ ପାଳନ କରିବାକୁ କୁହାଯାଇଛି। ଏହି ଅବସରରେ ଉଚ୍ଚ ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା କରାଯିବ। ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ନିଷ୍ପତ୍ତି ହୋଇଛି।

# ପରିବେଶ ସନ୍ତୁଳନ ହରାଉଥିବାରୁ ବଢ଼ୁଛି ଉତ୍ତାପ

ନବରଙ୍ଗପୁର,୨୧।୩(ବି.ପ୍ର.)

## ବିଶ୍ୱ ବନ ଦିବସ ପାଳିତ

ନବରଙ୍ଗପୁର ବନଖଣ୍ଡ ପକ୍ଷରୁ ବିଶ୍ୱ ବନ ଦିବସ ପାଳନ କରାଯାଇଛି। ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଭାସ୍କର ରଇତ ଯୋଗଦେଇ ଜଙ୍ଗଲ ଓ ପରିବେଶ ସୁରକ୍ଷାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ବର୍ତ୍ତମାନ ପରିବେଶ ସନ୍ତୁଳନ ହରାଉଛି । ପାଗରେ ପରିବର୍ତ୍ତନ ହେବ ସହ ଉତ୍ତାପ ବଢୁଛି ଯାହାକି ଚିନ୍ତାର ବିଷୟ। ଜଙ୍ଗଲରୁ ଗଛକାଟି ମକା ଚାଷ କରାଯାଉଛି। ବର୍ତ୍ତମାନ ଅକ୍ସିଜେନ ମଧ୍ୟ କିଣିବାକୁ ପଡୁଛି। ଏଥିପ୍ରତି ସଚେତନ ହେବାକୁ ସେ ଗୁରୁତ୍ୱ ଦେଇଥିଲେ। ଖଣ୍ଡିୟ ବନାଧିକାରୀ ପ୍ରସନ୍ନ କୁମାର ବେହେରା ବୈଠକରେ ଅଧ୍ୟକ୍ଷତା କରି ଜଙ୍ଗଲ ସୁରକ୍ଷା, ସଂରକ୍ଷଣ ଓ ସଚେତନତାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଜଙ୍ଗଲ ସହିତ ସ୍ୱାସ୍ଥ୍ୟର ପ୍ରତ୍ୟେକ ସମ୍ପର୍କ ରହିଛି। ଜଙ୍ଗଲ ସୁରକ୍ଷିତ ରହିଲେ ସ୍ୱାସ୍ଥ୍ୟ ଭଲ ରହିବ। ଲୋକ ମାନେ ମୌଳିକ ଅଧିକାର ସାବ୍ୟସ୍ତ କରୁଥିବାବେଳେ ଗଛ କାଟିବା ବେଳେ ମୌଳିକ କର୍ତ୍ତବ୍ୟ ଭୁଲି ଯାଉଛନ୍ତି ବୋଲି ସେ କହିଥିଲେ। ସହକାରୀ ବନ ସଂରକ୍ଷକ ଧନୁର୍ଜୟ ମହାପାତ୍ର ଜଙ୍ଗଲ ଦ୍ୱାରା ମିଳୁଥିବା ସୁବିଧା ସମ୍ପର୍କରେ ଅବଗତ କରାଇବା ସହ ଜଙ୍ଗଲ ସୁରକ୍ଷାର ଆବଶ୍ୟକତା, ଜଙ୍ଗଲର ଚେରମୂଳି ଔଷଧ ଜୀବନ ରକ୍ଷା କରୁଛି ବୋଲି କହିଥିଲେ। ସମାଜିକ କର୍ମୀ ଈଶ୍ୱର ସାବତ ବନ ସୁରକ୍ଷା, ନିଆଁ ଦାଉରୁ ରକ୍ଷା ଓ ସଂରକ୍ଷଣ ଉପରେ କହିଥିଲେ। ଜିଲାରେ ଜଙ୍ଗଲ କ୍ଷୟ ହେଉଥିବାବେଳେ ପ୍ରତି ୩ ବର୍ଷରେ ରାଜସ୍ୱ ବିଭାଗ ଅଧୀନରେ ଥିବା ଗ୍ରାମ୍ୟ ଜଙ୍ଗଲକୁ କାଟି ନିଆଁ ଲଗାଯାଉଛି ଓ କାଠ ନିଆ ଯାଉଛି। ଏହାଦ୍ୱାରା ବନଜାତ ଦ୍ରବ୍ୟ ନଷ୍ଟ ହେବା ସହିତ ପରିବେଶ ପ୍ରଦୂଷିତ ହେଉଛି। ବନ୍ୟ ଜନ୍ତୁ ଗାଁ ମୁହାଁ ହେଉଛନ୍ତି ବୋଲି ଖବରଦାତା ବାଙ୍କ ବିହାରୀ ବିଷୋୟୀ କହିଛନ୍ତି। ବହୁ ସମୟରେ ଜିଲାରେ ଭାଲୁ ଓ ମଣିଷ ଭିତରେ ଲଢେଇ ହୋଇ ଜୀବନ ଚାଲି ଯାଉଛି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସେ କହିଛନ୍ତି। ବିଭିନ୍ନ ବନ ସୁରକ୍ଷା ସମିତିର ମହିଳାମାନେ ବନ ସୁରକ୍ଷା ଉପରେ ମତ ଦେଇଥିଲେ। ଏହି ଅବସରରେ ଚାରା ରୋପଣରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଡାବୁଗାଁ ସରକାରୀ ଏସ୍‌ଏସ୍‌ଡ଼ି ବାଳିକା ଉଚ୍ଚ ବିଦ୍ୟାଳୟକୁ ପୁରସ୍କୃତ କରାଯାଇଛି। ଶିକ୍ଷୟତ୍ରୀ ଆରତୀ ବିଷୋୟୀ ମାନପତ୍ର ଓ ୨୦ ହଜାର ଟଙ୍କାର ଚେକ ଗ୍ରହଣ କରିଥିଲେ। ନବରଙ୍ଗପୁର ରେଞ୍ଜର ତଡିତ ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# କୃଷିରେ କାରିଗରି ବିଦ୍ୟା ପ୍ରୟୋଗ କଲେ ଅଧିକ ଲାଭ ମିଳିବ

## କନ୍ଦ ଫସଲରୁ ଉଦ୍ୟୋଗ ବିକାଶ ତାଲିମ୍ କାର୍ଯ୍ୟକ୍ରମ

ନବରଙ୍ଗପୁର,୨୧।୩(ବି.ପ୍ର.)

କେନ୍ଦ୍ରୀୟ କନ୍ଦ ଫସଲ ଗବେଷଣା ସଂସ୍ଥାନ ଭୁବନେଶ୍ୱର ପକ୍ଷରୁ ୪ ଦିନିଆ କନ୍ଦ ଫସଲରେ ଡିବିଟି କିଷାନ କାର୍ଯ୍ୟକ୍ରମରେ ଉଦ୍ୟୋଗୀ ବିକାଶ ଆରମ୍ଭ ହୋଇଛି। ଉଦ୍‌ଘାଟନ କାର୍ଯ୍ୟକ୍ରମରେ ପୂର୍ବତନ କୃଷି ଯୁଗ୍ମ ନିର୍ଦ୍ଦେଶକ ଅଂଶୁମାନ ପଟ୍ଟନାୟକ ଯୋଗ ଦେଇ ଉଦ୍ୟୋଗୀ ବିକାଶ ପାଇଁ ରହିଥିବା ଆର୍ଥିକ ସହାୟତା ଓ ଉଦ୍ୟାନ କୃଷିରେ ସମ୍ଭାବନା ସମ୍ପର୍କରେ ଅବଗତ କରିଥିଲେ। ପ୍ରାକୃତିକ କୃଷି ସାଙ୍ଗକୁ କାରିଗରି ବିଦ୍ୟା ପ୍ରୟୋଗ ଦ୍ୱାରା ଆର୍ଥିକ ଲାଭ ସମ୍ପର୍କରେ ସେ କହିଥିଲେ। ଡିବିଟି କିଷାନ କାର୍ଯ୍ୟକ୍ରମ ମାଧ୍ୟମରେ ବିଭିନ୍ନ ପ୍ରକାର କନ୍ଦ ଫସଲ ଚାଷ ଓ ମୂଲ୍ୟଯୁକ୍ତ ସାମଗ୍ରୀ ପ୍ରସ୍ତୁତି କରିପାରିଲେ ନିଶ୍ଚିତଭାବେ ଆୟ ବହୁଗୁଣ ହୋଇପାରିବ ବୋଲି ପ୍ରଧାନ ବୈଜ୍ଞାନିକ ଡକ୍ଟର ଏମ୍.ନେଡୁ ଚେଜିଆନ କହିଥିଲେ। ଭୁବନେଶ୍ୱରର ଯୁବ ଉଦ୍ୟୋଗୀ ଡକ୍ଟର ଦିଲୀପ କୁମାର ପାଟସାଣି ଡ୍ରୋନ ମାଧ୍ୟମରେ ସାର ଓ କୀଟନାଶକ ଔଷଧ ପ୍ରୟୋଗ କଲେ ହେଉଥିବା ଲାଭ ସମ୍ପର୍କରେ କହିଥିଲେ। ବିଜ୍ଞାନ ସଞ୍ଚାରକ ଲକ୍ଷ୍ମୀ ନାରାୟଣ ବକ୍ସି କନ୍ଦମୂଳ, ଖମ୍ଵଆଳୁ, ଗୟା ଆଳୁରୁ ପ୍ରସ୍ତୁତ ହେଇଥିବା ବିଭିନ୍ନ ପ୍ରକାରର ସାମଗ୍ରୀ ଦ୍ୱାରା ମହିଳାଙ୍କୁ କିପରି ଲାଭ ମିଳିପାରିବ ସେ ସମ୍ପର୍କରେ ବୁଝାଇ ଥିଲେ। ସୁଶାନ୍ତ କୁମାର ଜଟ ଓ ମିନାକ୍ଷୀ ଦିକ୍ଷୀତ ତାଲିମ୍ କାର୍ଯ୍ୟକ୍ରମ ପରିଚାଳନା କରିଥଲେ। ନବରଙ୍ଗପୁର ଜିଲାର ଉମରକୋଟ ଓ ରାଇଘର ବ୍ଲକରୁ ୧୫ଜଣ ଚାଷୀ ଓ କୋରାପୁଟ ଜିଲା ବୋରିଗୁମ୍ମା ବ୍ଲକର ୧୫ଜଣ ଚାଷୀ ଏହି ତାଲିମ୍ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି।


ତାଲିମ ନେଉଥିବା ଚାଷୀଙ୍କ ସହ ଅନ୍ୟମାନେ।

